

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 MAY 2023
Vol.No. 34 ■ No. 134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜି ଶପଥ ନେବେ ୩ ମନ୍ତ୍ରୀ



ଭୁବନେଶ୍ୱର , ୨୧/୦୫ (ନି.ପ୍ର): ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ । ଘୋଷଣା ହେଲା ୩ ମନ୍ତ୍ରୀଙ୍କ ନାଁ । ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ସାରଦା ନାୟକ ମନ୍ତ୍ରୀ ଭାବେ ଶପଥ ନେବେ । ଏନେଇ ଆଜି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । କାଲି ଲୋକସେବା ଭବନରେ ୩ ମନ୍ତ୍ରୀଙ୍କୁ ଶପଥପାଠ କରାଇବେ ମହାମହିମ ରାଜ୍ୟପାଳ ପ୍ରଫେସର ଶ୍ରୀ ଗଣେଷୀ ଲାଲା ।

ସୋମବାର ଖାଲି ପଡ଼ିଥିବା ବିଭାଗରେ ୩ ମନ୍ତ୍ରୀ ଶପଥ ନେବେ। ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ, ବାଙ୍ଗିରପୋଷି ବିଧାୟକ ସୁଦାମ ମାର୍ଣ୍ଡି ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କୁ ଶପଥ ନେବା ପାଇଁ ଫୋନ୍ କଲ୍ ଯାଇଛି । ୩ ବିଧାୟକଙ୍କୁ ନିଜ ଟିମରେ ରିପିଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । କିଛି ଦିନ ପୂର୍ବରୁ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ ବିକ୍ରମ କେଶରୀ ଆରୁଖ । ୨୦୧୫ରେ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଜଙ୍ଗଲ ବିଭାଗ ସମ୍ଭାଳିଥିଲେ ବିକ୍ରମ କେଶରୀ ଆରୁଖ । ସେହିପରି ସୁଦାମ ମାର୍ଣ୍ଡି ରାଜସ୍ୱ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ । ସାରଦା ନାୟକ ପୂର୍ବରୁ ମଧ ମନ୍ତ୍ରୀ ପଦ ସମ୍ଭାଳିଛନ୍ତି । ନବୀନଙ୍କ ମନ୍ତ୍ରିମଣ୍ଡଳରେ ସେ ଖାଦ୍ୟ ଯୋଗାଣ ଓ ନଗର ଉନ୍ନୟନ ବିଭାଗର ଦାୟିତ୍ୱ ସଫଳତାର ସହିତ ତୁଲାଇଛନ୍ତି । ତେଣୁ ଏହି ୩ ବିଧାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରି ଟିମରେ ସାମିଲ କରିଛନ୍ତି । ନବ ଦାସଙ୍କ ପରଲୋକ ପରେ ସ୍ୱାସ୍ଥ୍ୟ ବିଭାଗ ଖାଲି ରହିଛି। ସେହିଭଳି ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପଦରୁ ସମୀର ଦାଶ ଏବଂ ଶ୍ରମ ମନ୍ତ୍ରୀ ପଦରୁ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ । ୩ ବିଭାଗ ଖାଲି ପଡ଼ିଥିବାରୁ କିଏ ହେବେ ନୂଆ ମନ୍ତ୍ରୀ, ତା'ଙ୍କୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲେ । ତେବେ ନବୀନ ନିବାସରୁ ଏହି ୩ ବିଧାୟକଙ୍କୁ ଫୋନ୍ କଲ୍ ଯିବା ପରେ ସମସ୍ତ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ସୋମବାର ୩ ନୂଆ ମନ୍ତ୍ରୀ ଶପଥ ନେବେ ।

## ଚଳନ୍ତା ଟ୍ରେନ୍‌ରୁ ଅଲଗା ହୋଇଗଲା ବଗି

କୋଲକାତା, ୨୧/୦୫ (ନି.ପ୍ର): ହାଉଡ଼ାରୁ ପୁରୀ ଅଭିମୁଖେ ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛି । ଏହି ଟ୍ରେନ୍ ଟି ଶନିବାର ରାତିରେ ହାଉଡ଼ାରୁ ପୁରୀ ଆସୁଥିଲା । ପଶ୍ଚିମ ମେଦିନିପୁର ଜିଲ୍ଲାର ନେକୁଡ଼ସେନୀ ଷ୍ଟେସନରେ ପହଂଚିବା ପୂର୍ବରୁ ହଠାତ୍ ଟ୍ରେନ୍ ର ବଗି ଗୁଡିକ ପରସ୍ପର ଠାରୁ ଅଲଗା ହୋଇଯାଇଥିଲା । ରେଲୱେର ଜଣେ ଅଧିକାରୀ ଏନେଇ ସୂଚନା ଦେଇ କହିଛନ୍ତି ଯେ, ଷ୍ଟେସନରେ ପ୍ରବେଶ କରିବା ପୂର୍ବରୁ କପଲିଙ୍ଗ ଖୋଲି ଯାଇଥିଲା । ଇଞ୍ଜିନ ସହିତ ମାତ୍ର ଦୁଇଟି ବଗି ଲାଗି ରହିଥିଲା । ଏବଂ ଏହି ଦୁଇଟି ବଗିକୁ ନେଇ ଟ୍ରେନ୍ ଆଗକୁ ବଢୁଥିଲା । ଟ୍ରେନ୍ ର ଅନ୍ୟ ବଗି ଗୁଡିକ ପଛରେ ଟ୍ରାକ୍ ଉପରେ ରହିଯାଇଥିଲା ।

# ତାତି ଆହୁରି ୫ ଦିନ କରିବ କଲବଲ: ଆଜି ସମ୍ବଲପୁର ଉତ୍ତପ୍ତ ସହର



ଭୁବନେଶ୍ୱର, ୨୧/୦୫ (ନି.ପ୍ର): ତାତି ଆହୁରି ୫ ଦିନ ଯାଏ ଲାଗି ରହିବ। ତାପମାତ୍ରାରେ ସେପରି କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ବିଶେଷ କରି ପଶ୍ଚିମ ଓଡ଼ିଶାରେ ତାତି ଅଧିକ ରହିବ। ୪୨ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଆଉ କିଛି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେପଟେ ଆଜି ସମ୍ବଲପୁର ପାଲଟିଛି ରାଜ୍ୟର ଉତ୍ତପ୍ତ ସହର। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍? ଅନୁସାରେ ସମ୍ବଲପୁରରେ ୪୩.୩ ଡିଗ୍ରୀ, ହୀରାକୁଦରେ ୪୨.୮ ଡିଗ୍ରୀ, ବୌଦ୍ଧରେ ୪୨.୬ ଡିଗ୍ରୀ, ବଲାଙ୍ଗିରରେ ୪୨.୪ ଡିଗ୍ରୀ, ରାଉରକେଲାରେ ୪୨.୦ ଡିଗ୍ରୀ, ସୋନପୁରରେ ୪୧.୯ ଡିଗ୍ରୀ, ଟିଟିଲାଗଡରେ ୪୧.୫ ଡିଗ୍ରୀ, ଝାରସୁଗୁଡ଼ାରେ ୪୧.୪ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୪ ଡିଗ୍ରୀ,

▶▶ପୃଷ୍ଠା ୭

## ଯୁବକଙ୍କୁ ବିଦ୍ୟୁତ ଖୁଂଟରେ ବାନ୍ଧି ପିଟି ପିଟି ହତ୍ୟା ଘଟଣା: ଗିରଫ ସଂଖ୍ୟା ୭କୁ ବୃଦ୍ଧି

ଗଞ୍ଜାମ, ୨୧/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ଥାନା ଅନ୍ତର୍ଗତ ଚିଙ୍ଗୁଡ଼ିଘାଇ ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ବିଦ୍ୟୁତ ଖୁଂଟରେ ବାନ୍ଧି ଅତ୍ୟନ୍ତ ନୃସଂଶ ଭାବେ ପିଟି ପିଟି ହତ୍ୟା କରିବା ଘଟଣାରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି । ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଚୋର ସନ୍ଦେହରେ ପୁରୀ ଜିଲ୍ଲା ବାଦୁରାବର ଗ୍ରାମର ସମ୍ପୃକ୍ତ ଯୁବକ ବାହୁଡ଼ା ସାହୁଙ୍କୁ ଚିଙ୍ଗୁଡ଼ିଘାଇ ଗ୍ରାମରେ ବିଦ୍ୟୁତ ଖୁଂଟରେ ବାନ୍ଧି ଅତ୍ୟନ୍ତ ନୃସଂଶ ଭାବେ ପିଟି ପିଟି ହତ୍ୟା କରାଯାଇଥିଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ଏନେଇ ଛାନଭିନ୍ ଜାରୀ ରଖିଛି । ଅଦ୍ୟାବଧି ୭ ଜଣଙ୍କୁ ଗିରଫ କରାଯାଇଛି ।

# ରାଜଧାନୀରୁ ୧ କେଜି ୧୦୭ ଗ୍ରାମ ବ୍ରାଉନସୁଗାର ଜବତ: ଅଭିଯୁକ୍ତ ଗିରଫ



ଭୁବନେଶ୍ୱର: ରାଜଧାନୀର ୟୁନିଟ ୮ରେ ଥିବା ଏକ ଘରୁ ଏସଟିଏଫ୍ ୧ କେଜି ୧ ଶହ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଥିବାର ସୂଚନା ମିଳିଛି। ଘଟଣାସ୍ଥଳରୁ ଜଣେ ଡ୍ରଗ୍ ମାଫିଆକୁ ବି ଧରିବାରେ ସଫଳ ହୋଇଛି ଏସଟିଏଫ୍। ସୂଚନା ଅନୁଯାୟୀ, ରାଜଧାନୀର ୟୁନିଟ ୮ରେ ଥିବା ଏକ ଘରେ ବ୍ରାଉନସୁଗାର ଡିଲ୍ ଚାଲିଥିବା ବେଳେ କମିଶନରେଟ ପୁଲିସ ସହାୟତରେ ଏସଟିଏଫ୍ ଟିମ୍ ଚଢାଉ କରିଥିଲେ। ସେଠାରୁ ୧ କେଜି ୧ ଶହ ୭ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ୧୦ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି। ଏହି ମାମଲାରେ ଏସଟିଏଫ୍ ଟିମ୍ ବେପାରୀ ଚିତ୍ତରଞ୍ଜନ ସାହୁକୁ ଗିରଫ କରିଥିଲା। ତାକୁ କୋର୍ଟଚାଲାଣ କରାଯାଇଛି। ଚିତ୍ତରଞ୍ଜନର ଘର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ କଳଙ୍ଗା ଗାଁରେ ବୋଲି ଜଣାଯାଇଛି।ସେ ଭୁବନେଶ୍ୱରରେ କାରବାର କରିଚାଲିଥିଲା ।

▶▶ପୃଷ୍ଠା ୭

# ଭୟଙ୍କର ବଜ୍ରପାତ: ଭାଙ୍ଗିଲା 'ବନ୍ଦେ ଭାରତ'ର ସାମ୍ନା ଗ୍ଲାସ

## ଡିଜେଲ ଇଞ୍ଜିନରେ ଧୀମେଇ ଧୀମେଇ ହାଓ୍ୱଡ଼ା ଗଲା ବନ୍ଦେ ଭାରତ ଏକ୍ସପ୍ରେସ୍



ଭୁବନେଶ୍ୱର, ୨୧/୦୫ (ନି.ପ୍ର): ଦୁର୍ଘଟଣାର ସାମ୍ନା କରିବାର ପ୍ରାୟ ସାଢ଼େ ୪ ଘଣ୍ଟା ପରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ଟି ହାଓ୍ୱଡା ଅଭିମୁଖେ ବାହାରିଛି ଯାଇଛି। ଦ୍ରୁତଗାମୀ ଟ୍ରେନ୍‌ଟି ଏକ ଡିଜେଲ ଇଞ୍ଜିନ ମାଧମରେ ଧୀମେଇ ଧୀମେଇ ହାଓ୍ୱଡା ଅଭିମୁଖେ ଗଡ଼ିଛି। ତେଣୁ ଘଣ୍ଟା ପିଛା ସର୍ବାଧିକ ୧୮୦ କିଲୋମିଟର ବେଗରେ ଗତି କରିପାରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ହାଓ୍ୱଡାରେ ପହଞ୍ଚିବା ପାଇଁ ବହୁ ସମୟ ଲାଗିପାରେ ବୋଲି ଅନୁମାନ କରାଯାଉଛି। କାଳବୈଶାଖୀ ପ୍ରଭାବରେ ହୋଇଛି ଭୟଙ୍କର ବଜ୍ରପାତ! କ୍ଷଣକ ଭିତରେ ଜଳିଗଲା ରେଲୱେ ବିଦ୍ୟୁତ ତାର। ଏଥିରୁ ବର୍ତ୍ତି ପାରିଲା ନାହିଁ ପୁରୀ-ହାଓ୍ୱାଡା ବନ୍ଦେ ଭାରତ ଏକ୍ସପ୍ରେସ୍। ଲୋକ ପାଇଲଟ୍ ସାମ୍ନା ଗ୍ଲାସ୍ ଭାଙ୍ଗି ଯାଇଛି। ଏଥିସହ ଅନେକ ବଗିରେ ଗ୍ଲାସ ଫାଟିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବନ୍ଦେ ଭାରତ ଏକ୍ସପ୍ରେସ୍ ଯାଜପୁର ଜିଲ୍ଲାର ବୈଜରଣୀ ବ୍ରିଜ୍ ଉପରେ ଛିଡ଼ା ହୋଇଛି। ନିର୍ଦ୍ଧାରିତ ସମୟରେ ପୁରୀରୁ ହାଓ୍ୱାଡା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ବନ୍ଦେ ଭାରତ ଏକ୍ସପ୍ରେସ। ଟ୍ରେନ୍‌ଟି ଯାଜପୁର ରୋଡ୍ ଷ୍ଟେସନ୍ ଅତିକ୍ରମ କରିବା ପରେ ବୈତରଣୀ ନଦୀ ଉପରେ ହୋଇଥିବା ବ୍ରିଜ୍ ଉପରେ ଦ୍ରୁତ

▶▶ପୃଷ୍ଠା ୭

# 'ଆମ ପରିବାର ଆମ ପଂଚାୟତ' ଲୋକାର୍ପିତ




ରୂପସା, ୨୧/୦୫ (ନି.ପ୍ର): ଆମ ପରିବାର ଓ ଆମ ପଂଚାୟତ ଓଡ଼ିଆ ନବବର୍ଷ ସଂଖ୍ୟା ରୂପ୍ସା ସ୍ଥିତ ଭଗବାନପୁର ଗ୍ରାମରେ ଲୋକାର୍ପିତ ହୋଇଯାଇଛି। ଏଥିରେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭଗବାନ ମହାପାତ୍ର ସଭାପତିତ୍ୱ କରିଥିଲେ। ଅତିଥିଭାବେ ଭାବଗ୍ରାହୀ ମହାନ୍ତି, ସୃଷ୍ଟିଧର ପରିଡ଼ା, ଶାନ୍ତନୁ ପଟ୍ଟନାୟକ, କିଶୋର ଚନ୍ଦ୍ର ମହାପାତ୍ର, ସର୍ବେଶ୍ୱର ଜେନା, ପ୍ରମୋଦ କୁମାର ପଣ୍ଡା ଓ ଅର୍ନ୍ତଯ୍ୟାମୀ ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ ଶ୍ରୀଯୁକ୍ତ ଭଗବାନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ପତ୍ରିକା 'ଆମ ପରିବାର ଓ ଆମ ପଂଚାୟତ' ନିୟମିତ ପ୍ରକାଶ ପାଉଛି। ଶ୍ରୀ ମହାପାତ୍ରଙ୍କ ପ୍ରଚେଷ୍ଟା, ସାଧନା ଓ ସାହସକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ପତ୍ରିକା ପଂଚାୟତ ଓ ପରିବାର ସମ୍ପର୍କରେ ବିଭିନ୍ନ ଶିକ୍ଷଣୀୟ କଥାବସ୍ତୁ ଉପରେ ଆଧାରିତ। ତେଣୁ ଏହା ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଛି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ସୁସାହିତ୍ୟିକ ସୃଷ୍ଟିଧର ପରିଡ଼ାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନ୍ତର୍ଯ୍ୟାମୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁମାଛି ଆକ୍ରମଣରେ ସରପଂଚଙ୍କ ମୃତ୍ୟୁ

ଗଂଜାମ, ୨୧/୦୫ (ନି.ପ୍ର): ଜଗନ୍ନାଥ ପ୍ରସାଦ ବ୍ଲକ କୁଡୁତାଇ ସରପଂଚ ସନତ କୁମାର ପ୍ରଧାନ ଜମିରେ ହଳ କରୁଥିବାବେଳେ ମହୁମାଛି ଆକ୍ରମଣର ଶୀକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଂଜ ନଗର ହସିଟାଲରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରଏମ୍ସକୁ ନିଆ ଯାଇଥିଲା। ତେବେ ସେଠାରେ ତାକଂର ମୃତ୍ୟୁ ଘଟିଛି।

# ପ୍ରଧାନମନ୍ତ୍ରୀ ନୁହନ୍ତି, ରାଷ୍ଟ୍ରପତି ନୂତନ ସଂସଦ ଭବନ ଉଦ୍‌ଘାଟନ କରିବା ଉଚିତ୍: ରାହୁଲ୍ ଗାନ୍ଧୀ



ନୂଆଦିଲ୍ଲୀ, ୨୧/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନୁହନ୍ତି, ରାଷ୍ଟ୍ରପତି ନୂତନ ସଂସଦ ଭବନ ଉଦ୍‌ଘାଟନ କରିବା ଉଚିତ ବୋଲି ଆଜି କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ କହିଛନ୍ତି। ସୂଚନାଯୋଗ୍ୟ, ମେ ୨୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬୪,୫୦୦ ବର୍ଗ ମିଟର ପରିମିତ ଜମିରେ ନିର୍ମିତ ତ୍ରିକୋଣାକାର ୪ ମହଲାବିଶିଷ୍ଟ ଏହି ନୂତନ ସଂସଦ ଭବନ ଉଦ୍‌ଘାଟନ କରିବା ପାଇଁ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି। ହିନ୍ଦୀ ଭାଷାରେ ଟୁଇଟ୍ କରି ରାହୁଲ୍ ଲେଖିଛନ୍ତି: ନୂଆ ସଂସଦ ଭବନର ଉଦ୍‌ଘାଟନ ରାଷ୍ଟ୍ରପତି ହିଁ କରିବା କଥା, ପ୍ରଧାନମନ୍ତ୍ରୀ ନୁହନ୍ତି। ଏହି ନୂତନ ପାର୍ଲାମେଣ୍ଟ ବିଲ୍‌ଡିଙ୍ଗ୍‌କୁ (ସଂସଦ ଅଟ୍ଟାଳିକା) କଂଗ୍ରେସ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅହମିକା ପ୍ରକଳ୍ପ ବୋଲି କହୁଛି। ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ବିଧାନ-ମଣ୍ଡଳର ମୁଖ୍ୟ ନୁହନ୍ତି କହି ଅନେକ ବିରୋଧୀ ନେତା ସଂସଦ ଭବନକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା କଥାରେ ଆପତ୍ତି କରିଛନ୍ତି। 'ଏଆଇଏମ୍‌ଆଇଏମ୍' ମୁଖ୍ୟ ଅସାଦୁଦ୍ଦୀନ୍ ଓ୍ୱେସୀ ପଚାରିଛନ୍ତି ଯେ, ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧକ୍ଷ କାହିଁକି ନୂଆ ସଂସଦ ଭବନ ଉଦ୍‌ଘାଟନ କରିବେ ନାହିଁ। ପ୍ରଧାନମନ୍ତ୍ରୀ କାହିଁକି ଉଦ୍‌ଘାଟନ କରିବେ। ସେ କାର୍ଯ୍ୟପାଳିକା ମୁଖ୍ୟ ଅଟନ୍ତି, ବିଧାନ-ମଣ୍ଡଳ ମୁଖ୍ୟ ନୁହନ୍ତି। ଆମର କ୍ଷମତା ପୃଥକିକରଣ ବ୍ୟବସ୍ଥା ରହିଛି। ତେଣୁ, ମାନ୍ୟବର ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧକ୍ଷ ଏହାକୁ ଉଦ୍‌ଘାଟନ କରିପାରିବେ। ଏହା ସର୍ବସାଧାରଣଙ୍କ ଅର୍ଥରେ ନିର୍ମିତ, ପ୍ରଧାନମନ୍ତ୍ରୀ ତାଙ୍କ ବନ୍ଧୁମାନେ ନିଜସ୍ୱ ପାଣ୍ଠିରୁ ଏଥିପାଇଁ ଅର୍ଥ ଦେଇଥିବା ଭଳି ଆଚରଣ କରୁଛନ୍ତି କାହିଁକି ?

# ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ କିରାଣି

ସୁବର୍ଣ୍ଣପୁର, ୨୧/୦୫ (ନି.ପ୍ର): ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହରାଜପୁର ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର କିରାଣି ଗୋଲକ ବିହାରୀ ପୋଢ। ଏରିଅର ବିଲ୍ କରାଇ ଦେବାକୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଜାଲରେ ପଡିଛନ୍ତି ବୀରମହରାଜପୁର ଏସଡିଭିଓ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ତଥା ସିଡିଭିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଗୋଲକ ବିହାରୀ ପୋଢ଼। ମିଳିଥିବା ସୂଚନା ଅନୁଯାୟୀ ଉଲୁଣ୍ଡା ବ୍ଲକ ସିଣ୍ଢଲ ପ୍ରାଣୀଧନ ନିରୀକ୍ଷକ ନାରାୟଣ ମେହେରଙ୍କ ଛୁଟି ଟଙ୍କା ମଞ୍ଜୁରି ପାଇଁ କାଗଜପତ୍ର ପ୍ରସ୍ତୁତ ପାଇଁ ଗୋଲକ ବିହାରୀ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ସିଡିଭିଓ କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ କ୍ୱାର୍ଟରରେ ନାରାୟଣ ୧୫ ହଜାର ଟଙ୍କା ଲାଞ୍ଚ ଗୋଲକ ବିହାରୀଙ୍କୁ ଦେଇଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ଗୋଲକ ବିହାରୀଙ୍କୁ ଗିରଫ କରିଛି। ଉଲ୍ଲେଖଯୋଗ୍ୟ, ସିଡିଭିଓ କାର୍ଯ୍ୟାଳୟରେ ଗୋଲକ ଡେପୁଟେସନରେ କାର୍ଯ୍ୟ କରୁଛନ୍ତି। ତାଙ୍କଠାରୁ ୧୫ ହଜାର ଟଙ୍କା ଜବତ କରାଯାଇଛି। ଏହାଛଡ଼ା ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଚାଲିଛି।

# ମାଲକାନଗିରିରେ ପ୍ରଥମ ପର୍ଯ୍ୟାୟ ସୁଟିଂ ସାରି ଆନ୍ଧ୍ର ଫେରି ଯାଇଛନ୍ତି ପୁଷ୍ପା-୨ର ଟିମ୍

ମାଲକାନଗିରି, ୨୧/୦୫ (ନି.ପ୍ର): ମାଲକାନଗିରି ମାଟିରେ ସରିଲା ପୁଷ୍ପା-୨ ସିନେମାର ସୁଟିଂ । ଆନ୍ଧ୍ର- ଓଡିଶା ସୀମା ପୋଲେରୁ ଗାଁ, ସିଲେରୁ ନଈ କୂଳରେ ଚାଲିଥିବା ପୁଷ୍ପା-୨ ସିନେମାର ସୁଟିଂ ଶେଷ ହୋଇଛି । ଦୀର୍ଘ ୧୦ ଦିନ ଧରି ମାଲକାନଗିରିରେ ପ୍ରଥମ ପର୍ଯ୍ୟାୟ ସୁଟିଂ ସାରି ଆନ୍ଧ୍ର ଫେରି ଯାଇଛନ୍ତି ପୁଷ୍ପା-୨ର ଅଭିନେତା, ନିର୍ଦ୍ଦେଶକଙ୍କ ଠାରୁ ଆରମ୍ଭ କରି ସମସ୍ତ କ୍ରିୟୁ ମେମ୍ବର । ତେବେ ପୁଷ୍ପା-୨ର ୨ୟ ପର୍ଯ୍ୟାୟ ସୁଟିଂ ଆଗାମୀ ଜୁନ ମାସର ଶେଷ ଆଡକୁ ହୋଇପାରେ ବୋଲି ସୂଚନା ମିଳିଛି । ଯେଉଁଥିରେ ନାୟକ ଅଲ୍ଲୁ ଅର୍ଜୁନଙ୍କ ସୁଟିଂ ରହିଛି । ଆଉ ସେ ମାଲକାନଗିରି ଆସୁଥିବା କୁହାଯାଉଛି । ସ୍ୱାଭିମାନ ଅଂଚଳର ହନ୍ତାଲଗୁଡା, ସାର୍କୁବନ୍ଧ ଝୁଲା ପୋଲ ଠାରେ ୨ ପର୍ଯ୍ୟାୟ ସୁଟିଂର ଜବରଦସ୍ତ ସିନ୍ ସବୁ ସୁଟ୍ ହେବାର ସୂଚନା ରହିଛି । ଯେଉଁଥିରେ ପୁଷ୍ପା ଚନ୍ଦନ କାଠ ତସ୍କରୀ କରିବ । ତେଣୁ ପୁଷ୍ପା-୨ର ଟିମ୍ ପୁଣି ଥରେ ମାଲକାନଗିରି ଆସିବେ । ତେବେ ମଇ ୫ ତାରିଖ ଦିନ ସିନେମାର ନିର୍ଦ୍ଦେଶକ ସୁକୁମାରଙ୍କ ସମେତ ଅନ୍ୟ ମେମ୍ବର ମାନେ ଆସି ସ୍ଥାନ ଦେଖିଥିଲେ । ୮ ତାରିଖ ଦିନ ଲାଲ ଚନ୍ଦନ ପରି ଦିଶୁଥିବା ନକଲି କାଠ ଟ୍ରକରେ ଆସି ସିଲେରୁ ନଦୀ କୂଳରେ ପହଂଚି ଥିଲା । ଆଉ ୧୦ ତାରିଖରୁ ସୁଟିଂ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ସୁଟିଂରେ ଜଙ୍ଗଲରୁ ରକ୍ତ ଚନ୍ଦନ କାଠ କାଟି ନଈ କୂଳକୁ ଅଣାଯାଇଛି । ଯାହା ବିଦେଶକୁ ଚୋରା ଚାଲାଣ ହେବ । ମାଲକାନଗିରିର ଘଂଚ ଜଙ୍ଗଲରେ ଚନ୍ଦନ କାଠ ଚାଲାଣ ହେଉଥିବା ଖବର ପାଇ ପୋଲିସ ସମସ୍ତଙ୍କୁ ଘେରାବନ୍ଦୀ କରିବାକୁ ଉଦ୍ୟମ କରିଛି । ଖୋଦ୍ ଏସପି ଭଁୱର ସିଂ ଶେଖାୱତ ମାଲକାନଗିରି ଜଙ୍ଗଲରେ ପହଂଚି ଥିଲେ । ଆଉ ପୁଷ୍ପାକୁ ଧରିବାକୁ ପୋଲିସ ଫୋର୍ସ ସହ ପଇଁତରା ମାରୁଥିବାର ସିନ୍ ସୁଟିଂ ସରିଛି । ତେବେ ଆଗକୁ କେଉଁ ସିନ୍ ସୁଟ୍ ହେଉଛି ତାହା ଜାଣିବାକୁ ସମସ୍ତେ ଅପେକ୍ଷା କରି ରହିଛନ୍ତି । ପୁଷ୍ପା-୨ ସୁଟିଂ ବେଳେ ଅନେକ ଦର୍ଶକ ସୁଟିଂ ସେଟ ପାଖରେ ଫିଲ୍ମରେ ଅଭିନୟ କରିବାକୁ ମଧ୍ୟ ଆଗ୍ରହ ପ୍ରକାଶ କରିଥିଲେ । କାଠ ବୁହା ସିନ୍ ହେଉ ପଛେ ତେଲୁଗୁ ମୁଭିରେ ଟିକେ ଚାନ୍ସ ପାଇବାକୁ ଲାଇନ ଲଗେଇଥିଲେ । ଅନେକଙ୍କୁ ସୁଯୋଗ ମିଳିଥିଲେ ହେଁ ଅନେକ ନିରାଶ ହୋଇଥିଲେ । ଆଉ ଯାରି ଭିତରେ ସିଲେରୁ ନଈ କୂଳରୁ କ୍ୟାମ୍ପ ଉଠାଇ ଫେରି ଯାଇଛି ପୁଷ୍ପା ଟିମ୍ ।

# ମାଲକାନଗିରି ବ୍ଲକ ପାଣ୍ଡ୍ରିପାଣି ଜିଲ୍ଲା ପରିଷଦ ଜୋନ୍ସ୍ତରୀୟ ୱାର୍ଡ କମିଟି ଓ ବୁଥ୍ କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ମାଲକାନଗିରି, ୨୧/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ପାଣ୍ଡ୍ରିପାଣି ଜିଲ୍ଲା ପରିଷଦ ଜୋନ୍ ୩ ଅନ୍ତର୍ଗତ ୬ଟି ଗ୍ରାମ ପଂଚାୟତ ର ବିଜେଡି ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ଆଜି ମାଲକାନଗିରି ଜିଲ୍ଲା ସାଧାରଣ ସମ୍ପାଦକ ତଥା ପାଣ୍ଡ୍ରିପାଣି ଜୋନ୍ ସଂଯୋଜକ ପ୍ରଭାକର ପ୍ରଧାନ ଙ୍କ ନେତୃତ୍ୱରେ ପାଣ୍ଡ୍ରିପାଣି ଶିବ ମନ୍ଦିର ପ୍ରାଙ୍ଗଣ ରେ ମାଲକାନଗିରି ବିଜୁ ଜନତା ଦଳ ତରଫରୁ ନୂତନ ୱାର୍ଡ କମିଟି ଓ ବୁଥ୍ କମି ଟି କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମାଲକାନଗିରି ଜିଲ୍ଲା ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗ ଦେଇ ଉପସ୍ଥିତ ସମସ୍ତ ସକ୍ରିୟ କର୍ମକର୍ତ୍ତାଙ୍କ ସହ ଆଗାମୀ ନିର୍ବାଚନ ରେ କିଭଳି ବିପୁଳ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତ ମୁଠା କୁ ଟାଣ କରି ମାଲକାନଗିରି ଜିଲ୍ଲାର ବିକାଶ୍ ଧାରାକୁ ଜାରି ରଖିବା ପାଇଁ କର୍ମୀ ମାନଙ୍କୁ ଉତ୍ସାହ କରିଥିଲେ । ଏହି ବୈଠକରେ ଜିଲ୍ଲା ଆଇନଜୀବୀ ସାମୁଖ୍ୟ ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା ଓ ମାଲକାନଗିରି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ସାମୁଏଲ୍ ନାୟକ ଉକ୍ତ ଜୋନ୍ ର ୬ ଟି ଗ୍ରାମ ପଂଚାୟତ ର ସକ୍ରିୟ କର୍ମକର୍ତ୍ତାଙ୍କୁ ନେଇ ନୂତନ ୱାର୍ଡ କମିଟି ,ବୁଥ୍ କମିଟି କରିବା ସହ ଆଗାମୀ ନିର୍ବାଚନ ରେ କିଭଳି ବିଜୁ ଜନତା ଦଳର ବିଜୟ ହେବ ତାର ସମୀକ୍ଷା କରିବା ସହ ସ୍ୱତନ୍ତ୍ର ଭାବେ ରଣନୀତି ପ୍ରସ୍ତୁତ କରାଯାଇଛି । ଆଜିର ଏହି ସ୍ୱତନ୍ତ୍ର ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଯୁବ ସମ୍ପାଦକ ରବି ରାଜେଶ , ମହିଳା ନେତ୍ରୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଦହନା ତାଙ୍ଗୁଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ, ମାଥିଲି ଜୋନ୍ ସଂଯୋଜକ ସର୍ବ ବିଶୋଇ ,ବରିଷ୍ଠ ନେତା ଡନେଲ କୁମାର ପୋଟଲା ,ବରିଷ୍ଠ ନେତା ତଥା ସମିତି ସଭ୍ୟ ସହଦେବ ମୁଦୁଲି ,ସମିତି ସଭ୍ୟ ସୁନ୍ଦର ରାୟ ସେଡା ,ବିଜେଡି ନେତା ପୁଷ୍ପା ରାଜୁ ,ରାଜକମଲ ବାବୁ, ପିତମ ଗୋଟେ ,ସଂଜୀବ ପେଦା ,ବିଦେଶୀ ପ୍ରହରାଜ ,ଆନ୍ଦୁ ଖରା ,ଘନଶ୍ୟାମ ଖିଲ ,ରମନା ତାଙ୍ଗୁଲ, ଯୁବ ଉପ ସଭାପତି କଣ୍ଟେଶ ପୋଟଲା ,କେ .ରାହୁଲ, ବିଭୂତି ଭୂଷଣ ,ଯୁବ ନେତା ବିଜୟ ବୁରୁଦା ଓ ପୂର୍ବତନ ସରପଂଚ ମାଧବ ବଡ ନାୟକ ପ୍ରମୁଖଙ୍କ ସହ ପାଣ୍ଡ୍ରିପାଣି ଜିଲ୍ଲା ପରିଷଦ ଜୋନ୍ ୬ଟି ଗ୍ରାମ ପଂଚାୟତ ର ସମସ୍ତ ବିଜେଡି କର୍ମକର୍ତ୍ତା ଜୋଗ ଦେଇଥିଲେ ।

## ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୨୧/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ଥାନୀୟ ଗୋରୀ ଶଙ୍କର ହୋଟେଲରେ ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ୯ଟି ଜିଲ୍ଲାରୁ ୩୪ ଜଣ ମହିଳା ଚେସ୍ ଖେଳାଳୀ ଙ୍କ ମଧ୍ୟରୁ ୧୦ଜଣ ଆନ୍ତର୍ଜାତିକ ମାନ୍ୟତପ୍ରାପ୍ତ ଖେଳାଳୀ ଥିବା ଜଣାପଡିଛି । ଏଥିରେ ଅଂଶ ଗ୍ରହଣ କରି ଖେଳାଳୀ ମାନେ ୭ ରାଉଣ୍ଡ ଖେଳ ମଧ୍ୟରୁ ଶନିବାର ଦିନ ୪ ରାଉଣ୍ଡ ଖେଳ ସୁଦ୍ଧା କେନ୍ଦ୍ରାପଡାର ସ୍ମାରକୀ ମହାନ୍ତି ଆଗୁଆ ଥିବା ଜଣାପଡିଛି । ରବିବାର ଦିନ ଅବଶିଷ୍ଟ ୩ ରାଉଣ୍ଡ ପରେ ଏହି ଖେଳ ସମାପ୍ତ ହେବ ବୋଲି ଜଣାପଡିଛି । ସେହିଭଳି କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଅଷ୍ଟମ ଚେସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏଥିରେ ୨୨ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିବା ବେଳେ ଏମାନଙ୍କ ଭିତରୁ ୫ ଜଣ ଆନ୍ତର୍ଜାତିକ ମାନ୍ୟତା ପ୍ରାପ୍ତ ଖେଳାଳୀ ଥିବା ଜଣାପଡିଛି । ଏହି ଜିଲ୍ଲା ସ୍ତରୀୟ ଚେସ୍ ପ୍ରତିଯୋଗିତା ରେ ନିକିରାଇ ଗ୍ରାମର ମାନସ ପରିଡା ଶୀର୍ଷ ଖେଳାଳୀ ଭାବରେ ରହି ୩ ରାଉଣ୍ଡ ଅଗ୍ରଣୀ ଥିବା ଜଣାପଡିଛି । ଏହି ଖେଳକୁ ଆନ୍ତର୍ଜାତୀୟ ଚେସ୍ ରେଫରି ଜ୍ୟୋତି ଶଙ୍କର ନନ୍ଦ ପରିଚାଳନା କରୁଥିବା ବେଳେ ପିଙ୍କି ମହାପାତ୍ର ସହଯୋଗ କରୁଥିବା ଜଣାପଡିଛି ।

# ଦୟା ଉପତ୍ୟକାରେ ୭ମ ଶତାବ୍ଦୀର ମୂର୍ତ୍ତି

ପୁରୀ : ଦୟା ନଦୀ ଉପତ୍ୟକାରୁ ମିଳିଛି ମୂଲ୍ୟବାନ ବାର୍ତ୍ତା ବହନ କରୁଥିବା ସପ୍ତମ ଶତାବ୍ଦୀର ଏକ କ୍ଷୁଦ୍ର ପ୍ରାଚୀନ ମୂର୍ତ୍ତି । ପୁରୀ ଜିଲ୍ଲା ପିପିଲି ବ୍ଲକ୍‌ର ବାଗେଶ୍ୱରପୁର ଗ୍ରାମର ରାମେଶ୍ୱର ମହାଦେବଙ୍କ ମନ୍ଦିରରୁ ଉଦ୍ଧାର ହୋଇଥିବା ଏହି ମୂର୍ତ୍ତିର ବିଶେଷତ୍ୱ ହେଉଛି ମୂର୍ତ୍ତିର ପଶ୍ଚାତ ଭାଗରେ ଓଡ୍ର ନାଗରୀ ଭାଷାରେ ଲେଖାଯାଇଛି ୭ ଧାଡ଼ିଆ ଶବ୍ଦାବଳି । ମୂର୍ତ୍ତିଟି ବୌଦ୍ଧଧର୍ମର ଗୁରୁ ଅବଲୋକିତେଶ୍ୱର ପଦ୍ମପାଣିଙ୍କର ବୋଲି ଅନୁମାନ କରାଯାଉଛି ।

ଇଣ୍ଡିଆନ୍ ନ୍ୟାସନାଲ୍ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ୍ କଲ୍‌ଚରାଲ୍ ହେରିଟେଜ୍ (ଇନ୍‌ଟାକ୍) ଓଡ଼ିଶା ଚାପ୍ଟର ପକ୍ଷରୁ ରତ୍ନଚିରା ଓ ଏହାର ଆଖପାଖରେ ଥିବା ଐତିହ୍ୟ କୀର୍ତ୍ତିରାଜିର ଡକ୍ୟୁମେଣ୍ଟେସନ୍ ବେଳେ ଏହି ମୂର୍ତ୍ତି ଉଦ୍ଧାର କରାଯାଇଛି । ଇନ୍‌ଟାକ୍‌ର ଅନିଲ ଧୀର, ବିଶ୍ୱଜିତ ମହାନ୍ତି, ବିଷ୍ଣୁମୋହନ ଅଧିକାରୀ ଓ ଦୀପକ କୁମାର ନାୟକ ପ୍ରମୁଖ ଏହି ପ୍ରାଚୀନ ମୂର୍ତ୍ତିର କାଳଖଣ୍ଡ ନିର୍ଦ୍ଧାରଣ ସହ ଏହାର ପଛ ପାର୍ଶ୍ୱରେ ଓଡ୍ର ନାଗରୀ ଭାଷାରେ ଲେଖାଥିବା ଶବ୍ଦାବଳିର ଭାବାର୍ଥ ବାହାର କରିଛନ୍ତି ।

ମୂର୍ତ୍ତିରେ ଉଲ୍ଲେଖ ଶବ୍ଦାବଳିର ଭାବାର୍ଥ ହେଉଛି, ସମସ୍ତ ଧର୍ମ ସୃଷ୍ଟି ପଛରେ କିଛି କାରଣ ନିହିତ ଅଛି । ତଥାଗତ ଏହି ସବୁ କାରଣ ବାବଦରେ ସ୍ପଷ୍ଟ କରିଛନ୍ତି । ସେଇ ମହାଶ୍ରମଣଙ୍କ ଦ୍ୱାରା ଏହି ଶିକ୍ଷା ଦିଆଯାଇଛି ବୋଲି ଉଲ୍ଲେଖ ରହିଥିବା ଦୀପକ ନାୟକ କହିଛନ୍ତି । ଶ୍ରୀ ନାୟକଙ୍କ କହିବା ମୁତାବକ, ମୂର୍ତ୍ତିଟି କେମିତି ମନ୍ଦିରକୁ ଆସିଲା ସେ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ତଥ୍ୟ ହସ୍ତଗତ ହୋଇନାହିଁ । ତେବେ ରାମେଶ୍ୱର ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟରୁ ଏହା ପୂର୍ବ ଗଙ୍ଗବଂଶ ସମୟରୁ ଗଢ଼ା ଯାଇଥିବା ଅନୁମାନ କରାଯାଉଛି ।

ମୂର୍ତ୍ତିଟିର ଉଚ୍ଚତା ୧୦ ଇଞ୍ଚ ମଧ୍ୟରେ ସୀମିତ । କିନ୍ତୁ ମୂର୍ତ୍ତିର କାଳଖଣ୍ଡ ସପ୍ତମରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ବୋଲି ଆକଳନ କରାଯାଉଛି ।



ବାସ୍ତବରେ ବୌଦ୍ଧ ଧର୍ମର ଅବଲୋକିତେଶ୍ୱର ପଦ୍ମପାଣିଙ୍କର ମୂର୍ତ୍ତି ପଛ ପାର୍ଶ୍ୱରେ ଧର୍ମ ସମ୍ବନ୍ଧରେ ଏଭଳି ବାର୍ତ୍ତା ମହଜୁଦ ରହିବା ବିରଳ । ଓଡ୍ର ନାଗରୀ ଭାଷାରେ ମୂର୍ତ୍ତିର ପଛ ପାର୍ଶ୍ୱରେ ଏହାକୁ ଖୋଦିତ କରି ଲେଖାଯାଇଛି । ଯଦିଓ ରାମେଶ୍ୱର ମନ୍ଦିରର କାରୁକାର୍ଯ୍ୟ ଏହା ଗଙ୍ଗବଂଶ ସମୟର ବୋଲି ଅନୁମାନ କରାଯାଉଛି, କିନ୍ତୁ ଦୟା ନଦୀର ଅବବାହିକାରେ ପୂର୍ବରୁ ବୌଦ୍ଧ ଧର୍ମର ପ୍ରଭାବ ରହିଥିଲା । ତେଣୁ ଏହି ମନ୍ଦିରର ବହୁ ସମୟ ପୂର୍ବରୁ ଏହି ମୂର୍ତ୍ତିଟି ସେଠାରେ ରହିଥିବା ମନେ ହୁଏ ବୋଲି ସେ କହିଛନ୍ତି । ଏହିଭଳି ବହୁ କୀର୍ତ୍ତିରାଜି ଚିହ୍ନଟ ପରେ ସେସବୁର ଡକ୍ୟୁମେଣ୍ଟେସନ୍ କରାଯାଇଛି । ସଂରକ୍ଷଣ କରାନଗଲେ ଅତୀତର ଗୌରବମୟ ବାର୍ତ୍ତା ବହନ କରୁଥିବା ଏହି କୀର୍ତ୍ତିରାଜି କାଳଗର୍ଭରେ ହଜିଯିବ । ତେଣୁ ଡକ୍ୟୁମେଣ୍ଟେସନ୍ ଆଧାରରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏ ସମସ୍ତ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ପାଇଁ ଆଗେଇ ଆସିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଛନ୍ତି ।

# ବିଦ୍ୟୁତ୍ ଷ୍ଟ୍ରକଚର କାମ ସରିଛି: କାର୍ଯ୍ୟକ୍ଷମ ହେଉନି, ଉଦ୍‌ଘାଟନକୁ ଅପେକ୍ଷା

ଧର୍ମଶାଳା, ୨୧/୦୫ (ନି.ପ୍ର): ବିଦ୍ୟୁତ ଏବେ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡିଛି । ଏପରିକି ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧ ଏବଂ ମୋବାଇଲଠାରୁ ଆରମ୍ଭ କରି କଳକବ୍ଜା ପାଇଁ ବିଜୁଳି ଦରକାର । କ୍ଷଣକ ପାଇଁ ବିଜୁଳି ଚାଲିଗଲେ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟାଟା ପାୱାର ହାତକୁ ନେବା ପରେ କିଛି ମାତ୍ରାରେ ବିଜୁଳି କାଟରୁ ମୁକ୍ତି ମିଳିଛି । ତେବେ ଅନେକ ସ୍ଥାନରେ ଏହାର ବହୁ ଦାୟିତ୍ୱ ନେବାରେ ଜରୁରି ହୋଇପଡିଛି । ଯାଜପୁର ଜିଲା ରସୁଲପୁର ବ୍ଲକ ତଥା କୁଆଖିଆ ବିଦ୍ୟୁତ ଉପଖଣ୍ଡ ଅଧିନରେ ଥିବା ବ୍ରହ୍ମବରଦା ଏକ ଗୁରୁତ୍ୱ ପୂର୍ଣ୍ଣ ଅଂଚଳଭାବେ ପରିଚିତ । ଏଠାରେ ସ୍ଥାନୀୟ ୧୫ରୁ ଉର୍ଦ୍ଧ ଏବଂ ୧୦ ହଜାରୁ ଉର୍ଦ୍ଧ ଉପଭୋକ୍ତ ବିଦ୍ୟୁତ ଉପରେ ନିର୍ଭରଶୀଳ । ଏହି ସ୍ଥାନଟି ବିଜୁଳି ପାଇଁ ୨୦ କିଲୋମିଟର ଦୂରରେ ଥିବା ସୁଜନପୁର ଷ୍ଟ୍ରକଚର ଉପରେ ନିର୍ଭର କରିଥାଏ । ଅନେକ ସମୟରେ ସାମାନ୍ୟ ତ୍ରୁଟି ଓ ବର୍ଷା ପବନ ହେଲେ ବିଜୁଳି ସେବା ସମ୍ପୂର୍ଣ୍ଣଭାବେ ଠପ୍ ହୋଇଯାଏ । ଏହାକୁ ଦୃଷ୍ଟିରେ ରଖି ଉପଭୋକ୍ତାମାନେ ବ୍ରହ୍ମବରଦାଠାରେ ଏକ ଷ୍ଟ୍ରକଚର ପାଇଁ ବିଦ୍ୟୁତ ବିଭାଗୀୟ ଅଧିକାରୀ ଓ ବରୀ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଦେବାଶିଷ ନାୟକଙ୍କ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲା । ବିଭାଗୀୟ ଅଧିକାରୀ ଓ ବିଧାୟକ ଶ୍ରୀଯୁକ୍ତ ନାୟକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୮ ମସିହାରେ ବ୍ରହ୍ମବରଦା କଲେଜଛକ ନିକଟରେ ଶୁଭଶିଳାନ୍ୟାସ କରିଥିଲେ । ଏବେ ଏହି ଷ୍ଟ୍ରକଚର ସମ୍ପୂର୍ଣ୍ଣ କାମ ସରିଯାଇଥିବା ବେଳେ ଏବେ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ବାରମ୍ବାର ବିଜୁଳି କାଟ ହେବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୁଜନପୁର ଷ୍ଟ୍ରକଚର ଉପରେ ବାରମ୍ବାର ଓଭର ଲୋଡ ପଡିବାରୁ ବିଜୁଳି ସମସ୍ୟା ହେଉଥିବା ନେଇ ବିଦ୍ୟୁତ କର୍ମଚାରୀ ଉପଭୋକ୍ତମାନଙ୍କୁ କହି ଚାଲିଛନ୍ତି । ଷ୍ଟ୍ରକଚର ନିର୍ମାଣ ହୋଇ ସାରି ପଡି ରହିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷେ ବିଭାଗୀୟ ଉଚ୍ଚ କର୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କେବଳ ଉଦଘାଟନକୁ ଅପେକ୍ଷା କରାଯାଇଥିବା ନେଇ ଉପଭୋକ୍ତାମାନଙ୍କୁ ଶୁଣିବାକୁ ମିଳୁଛି । ତେବେ ଏହି ନିର୍ମାଣଧିନ ଷ୍ଟ୍ରକଚର କେବେ କାର୍ଯ୍ୟକ୍ଷମ ହୋବ ତାହା ଦେଖିବାକୁ ବାକି ରହିଲା ।

# ଚମ୍ପୁଆ ବ୍ଲକରେ ଅଚଳାବସ୍ଥା : ସହକାରୀ ଯନ୍ତ୍ରୀ ପଦବୀକୁ ନେଇ ଛକା ପଞ୍ଝା

ଚମ୍ପୁଆ, ୨୧/୦୫ (ନି.ପ୍ର): ଉପାନ୍ତ ଚମ୍ପୁଆ ବ୍ଲକରେ ସହକାରୀ ଯନ୍ତ୍ରୀ ପଦବୀକୁ ନେଇ ଛକା ପଞ୍ଝା ଏବେ ସାରା ଚମ୍ପୁଆ ଅଂଚଳରେ ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି । ଏଠାରେ ସୂଚନାଯୋଗ୍ୟ କି ଚମ୍ପୁଆ ବ୍ଲକକୁ ଡେପୁଟେଶନରେ ଆସି ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ଦାୟିତ୍ୱ ତୁଲାଉଥିବା କେନ୍ଦୁଝର ସଦର ବ୍ଲକ ସହକାରୀ ଯନ୍ତ୍ରୀ ଅରବିନ୍ଦ ଆରୁଖଙ୍କ ତିନି ତିନି ଥର ବଦଳି ପରେ ମଧ ସେ ଚମ୍ପୁଆ ଛାଡି ଯିବାକୁ ଆବଶ୍ୟକ ମନେକରୁନଥିବାବେଳେ ଅନ୍ୟ ପଟେ ନିକଟରେ ସହକାରୀ ଯନ୍ତ୍ରୀ ପଦୋନ୍ନତି ପାଇ ଚମ୍ପୁଆ ବ୍ଲକରେ ଯୋଗ ଦେଇଥିବା ଅଧିକାରୀ ଅମୂଲ୍ୟ ଦାସଙ୍କୁ ଦାୟିତ୍ୱ ମିଳୁନଥିବା ଯୋଗୁଁ ସେ କାମ କରିବାକୁ ଅମଙ୍ଗ ହୋଇ କେବଳ କାର୍ଯ୍ୟରେ ଯୋଗଦେଇ ଫିଲ୍ଡ ପରିଦର୍ଶନରେ ଯାଉନଥିବା ଯୋଗୁଁ ଚମ୍ପୁଆ ବ୍ଲକରେ ଏକ ପ୍ରକାର ଅଚଳାବସ୍ଥା ଦେଖାଦେଇଛି । ସୁଚନାଯୋଗ୍ୟ କି ଦୁଇବର୍ଷ ତଳେ ଚମ୍ପୁଆ ବ୍ଲକର ସହକାରୀ ଯନ୍ତ୍ରୀ ଭାଗବତ ବେହେରାଙ୍କ ରାତି ଅଧିଆ ବଦଳି କରାଯାଇ କେନ୍ଦୁଝର ସଦର ବ୍ଲକରେ ସହକାରୀ ଯନ୍ତ୍ରୀ ପଦବୀରେ ଥିବା ଅରବିନ୍ଦ ଆରୁଖଙ୍କୁ ଏଠାରେ ଡେପୁଟେଶନରେ ଅବସ୍ଥାପିତ କରାଯାଇଥିଲା । ତେବେ ଇତି ମଧ୍ୟରେ ଅରବିନ୍ଦ ଆରୁଖଙ୍କ ୩ ଥର ବିଭିନ୍ନ ସ୍ଥାନକୁ ବଦଳି ହେବା ସତ୍ୱେ ସେ ଚମ୍ପୁଆ ବ୍ଲକ ଛାଡୁ ନଥିବାବେଳେ ନିକଟରେ କନିଷ୍ଠ ଯନ୍ତ୍ରୀରୁ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବରେ ଚମ୍ପୁଆ ବ୍ଲକରେ ଯୋଗ ଦେଇଥିବା ଅମୂଲ୍ୟ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ନିଜ ଚାକିରୀ ସ୍ଥାନ କେନ୍ଦୁଝରରୁ ଚମ୍ପୁଆ ଡେପୁଟେଶନ ରେ ଆସି ବଦଳି ପରେ ମଧ ଚମ୍ପୁଆ ଛାଡିବାକୁ ସହକାରୀ ଯନ୍ତ୍ରୀ ଅରବିନ୍ଦ ଆରୁଖ ଚାହୁଁନଥିବା ଓ କାର୍ଯ୍ୟରେ ଯୋଗଦେଇ ମଧ ଦାୟିତ୍ୱ ପାଇ ପାରୁନଥିବା ସହକାରୀ ଯନ୍ତ୍ରୀ ଅମୂଲ୍ୟ ଦାସ ଅଭିମାନରେ କାର୍ଯ୍ୟ ରେ ଯୋଗ ଦେଇଥିଲେ ମଧ କାର୍ଯ୍ୟ କରିବାକୁ ଅନାଗ୍ରହ ପ୍ରକାଶ କରୁଥିବାରୁ ଚମ୍ପୁଆ ବ୍ଲକରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଡେପୁଟେଶନରେ ଆସିଥିବା ସହକାରୀ ଯନ୍ତ୍ରୀଙ୍କ ପ୍ରତି ଚମ୍ପୁଆ ବିଡ଼ିଓଙ୍କ ଅହେତୁକ ଅନୁକମ୍ପା ତଥା ଜିଲ୍ଲା ପ୍ରଶାସନର ଆଶୀର୍ବାଦ ପାଇଁ ସେ ଚମ୍ପୁଆ ଛାଡୁନଥିବାବେଳେ ପଦୋନ୍ନତି ପାଇ କାର୍ଯ୍ୟରେ ଯୋଗ ଦେଇଥିବା ଅଧିକାରୀ ଦାୟିତ୍ୱ ପାଇନଥିବାରୁ କାର୍ଯ୍ୟରୁ ନିଜକୁ ଦୂରେଇ ରଖିବା ଯୋଗୁଁ ଚମ୍ପୁଆ ବ୍ଲକରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ତେବେ ଏହାକୁ ନେଇ ଚମ୍ପୁଆ ବିଡିଓ ଜ୍ୟୋସ୍ନା ନାଏକଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯିବା ସତ୍ୱେ ସେ ଗଣମାଧ୍ୟମର ମୋବାଇଲ୍ ରିସିଭ କରୁନଥିବା ଯୋଗୁଁ ତାଙ୍କ ମତାମତ ମିଳି ପାରିନାହିଁ ।

## ବିଜେପି ମହିଳା ମୋର୍ଚ୍ଚା ତରଫରୁ ଜିଲ୍ଲା ମାଟ୍ରିକ ଟପରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୧/୦୫ (ନି.ପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ଟପର ହୋଇଥିବା ମାର୍ଶାଘାଇର ଦିପକ ଦାସଙ୍କ ଝିଅ ଅସୀମା ଦାସଙ୍କୁ ବିଜେପି ମହିଳା ମୋର୍ଚ୍ଚା ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାନେତ୍ରୀ ପ୍ରିୟଦର୍ଶନୀ ନନ୍ଦ, ସରସ୍ୱତୀ ବେହେରା, ଝିଲ୍ଲି ଦାସ, ଶର୍ମିଷ୍ଠା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଲେପାଲି ହତ୍ୟା ଘଟଣା ଭାଇ ଭାଇକୁ ହତ୍ୟା କରିଥିଲା : ହତ୍ୟକାରୀର ସିନ ରିକ୍ରେସନ୍

ବଲାଙ୍ଗୀର, ୨୧/୦୫ (ନି.ପ୍ର): ବଲାଙ୍ଗୀର ଟାଉନ ଥାନା ଅନ୍ତର୍ଗତ ସାଲେପାଲିର ମଠଖାଇ ମନ୍ଦିର ସମ୍ମୁଖରେ ଏକ ଘର ଭିତରୁ ଗତ ୧୭ ତାରିଖ ଦିନ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା ବଲାଙ୍ଗୀର ଟାଉନ ପୁଲିସ । ମୃତକ ଜଣକ ସାଲେପାଲିର ରିଙ୍କୁ ମେହେର(୨୭) ବୋଲି ଜଣାପଡିଥିଲା । ତେବେ କିଏ ଓ କାହିଁକି ରିଙ୍କୁଙ୍କୁ ହତ୍ୟା କଲା ତାହାକୁ ନେଇ ସହର ସାରା ଚର୍ଚ୍ଚା ହେଉଥିବା ବେଳେ ଆଜି ଏହି ଘଟଣାର ପର୍ଦ୍ଦାଫାସ କରିଛି ବଲାଙ୍ଗୀର ଟାଉନ ପୁଲିସ । ପୁଲିସ ଏହି ଘଟଣାରେ ମୃତ ରିଙ୍କୁଙ୍କ ସାନ ଭାଇ ପିଙ୍କୁ ଓରଫ ଶଙ୍କର ଭବାନୀଙ୍କୁ ଗିରଫ କରିଛି । ଗିରଫ ପରେ ପୁଲିସ ହତ୍ୟାକାରୀ ପିଙ୍କୁଙ୍କୁ ନେଇ ଘଟଣାସ୍ଥଳରେ ପୁରା ଘଟଣାର ସିନ୍ ରିକ୍ରିଏସନ୍ କରିଛି । ଅନ୍ୟପଟେ ହତ୍ୟାକାରୀ ପିଙ୍କୁ ସ୍ୱୀକାର କରିଛି ଯେ, ମୁଁ ହିଁ ମୋ ଭାଇର ହତ୍ୟାକାରୀ । ମୋ ଭାଇ ମୋ ମା' ବାପାଙ୍କୁ ଅତ୍ୟାଚାର କରିଥିବାରୁ ମୁଁ ତାକୁ ନୃଶଂସ ଭାବରେ ହତ୍ୟା କରିଛି ବୋଲି କହିଛନ୍ତି । ଆଜି ବଲାଙ୍ଗିର ଏସ ଡି ପି ଓ ତୁଫାନ ବାଗ ପ୍ରକାଶ କରିଛନ୍ତି ଯେ ଗତ ୧୩ ତାରିଖରେ ଦିନ ଦ୍ୱିପ୍ରହର ରେ ଘଟଣା ଘଟିଛି ସାନ ଭାଇ ସିନ ରିକ୍ରେଶନ ବେଳେ ବାପା ମାକୁ ଗଲି ଗୁଲଜ କରୁଥିଲା ବାପା କୁ ଶ୍ୱାସ ରୋଗ ଯୋଗୁଁ ହସ୍ପିଟାଲରେ ଭର୍ତି କରାଯାଇ ପିଙ୍କୁ ମେହେର ମେଡିସିନ ୱାର୍ଡ ରୁ ହସ୍ପିଟାଲ ରୁ ୧୪ ତାରିଖ ଦିନ ଗୋଟାଏ ତିରିଶ ରୁ ଦୁଇଟା ବେଳେ ଆସି ବଡ ଟାଙ୍ଗିଆରେ ଆସି ହତ୍ୟା କରି ଖଣ୍ଡ ଖଣ୍ଡ କରିଥିଲା କିନ୍ତୁ ଏହା କୁ ଭର୍ତି କରିଥିବା ବ୍ଲେଡର ସାହାଯ୍ୟ ନେଇ ୮ ଖଣ୍ଡ କରିଥିଲା ଗୋଟିଏ ବେଗରେ ଭରିଥିଲା କିନ୍ତୁ ଶବକୁ ଠିକଣାରେ ଲଗାଇ ପାରିନଥିଲା ଘରେ ଥିବା ପାଣିରେ ହାତ ଗୋଡ ଧୋଇ ଚାରିଟା ରେ ହସ୍ପିଟାଲ ବାପା ପାଖକୁ ଯାଇଥିଲା । ୧୫ ତାରିଖରେ ରେ ଦୁର୍ଗନ୍ଧ ହୋଇ ଯାଇଥିଲା ବାପାକୁ ବୁର୍ଲା ନେଇ ଯାଇଥିଲେ ଚାରିଟା ବେଳେ ତେଣୁ ସେ ବୁର୍ଲାରେ ଥିଲା । ସେଠାରୁ ପୋଲିସ ସାଲେପଲିରୁ ଶବ ପାଇବା ପରେ ପୋଲିସ ତାକୁ ଧରିଥିଲା । ଆଜି ସେ କିପରି ହତ୍ୟା କରି ଥିଲା ତାହା ଘଟଣା ସ୍ଥଳରେ ଯାଇ ଦେଖାଇଥିଲେ ।

# ବରଗଡ଼-ନୂଆପଡ଼ା ରେଳ ପ୍ରକଳ୍ପକୁ ଅନୁମୋଦନ: ଗୋଟିଏ ଦଶନ୍ଧିର ତର୍କବିତର୍କର ଅବସାନ

ବରଗଡ଼, ୨୧/୦୫ (ନି.ପ୍ର): ଦୀର୍ଘ ଗୋଟିଏ ଦଶନ୍ଧିର ତର୍କ ବିତର୍କ ପରେ ଶେଷରେ ବରଗଡ଼-ନୂଆପଡ଼ା ରେଳପ୍ରକଳ୍ପ ପାଇଁ ବାଟ ଫିଟିଛି । ଏହାକୁ ଏକ ସ୍ୱତନ୍ତ୍ର ପ୍ରକଳ୍ପର ମାନ୍ୟତା ଦେବା ସହ ରେଳ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଛି । ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳ ଅନ୍ତର୍ଭୁକ୍ତ ଏହି ପ୍ରକଳ୍ପ ପାଇଁ ପଥ ପରିଷ୍କାର ହେବା ପଶ୍ଚିମ ଓଡ଼ିଶା ରେଳସେବା କ୍ଷେତ୍ର ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ପାଇଁ ଗତ ପଦ୍ମପୁର ଉପନିର୍ବାଚନ ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ମୁହାଁମୁହିଁ ହୋଇଥିଲେ । ସେଠାକୁ ପ୍ରଚାରକୁ ଓହ୍ଲାଇ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ 'ଆଜି ଓଡ଼ିଶା ସରକାର ଜମି ଦେଲେ, କାଲିଠୁ ରେଳ ଲାଇନ୍ କାମ ଆରମ୍ଭ ହେବ' ବୋଲି କହିଥିଲେ । ପ୍ରତି ନିର୍ବାଚନୀ ସଭାରେ ସେ ଏହା ଦୋହରାଇ ଥିଲେ । ଯାହାକୁ ନେଇ ବିଜେଡି ବି ନିଜ ଜବାବ ରଖିଥିଲା । ଦଳ କହିଥିଲା, ୨୦୧୯ରେ ରେଳ ମନ୍ତ୍ରଣାଳୟ ସର୍ଭେ ପରେ ଏହି ଲାଇନ ଲାଭଦାୟକ ନୁହେଁ ଏବଂ ଏହି ପ୍ରକଳ୍ପକୁ ସଂରକ୍ଷିତ କରାଗଲା ବୋଲି କେନ୍ଦ୍ର ସରକାର ସୂଚନା ଦେଇଥିଲେ । କିନ୍ତୁ ଜମି ପାଇଁ ଏହା ପରଠୁ କେନ୍ଦ୍ର ସରକାର ଆଜି ଯାଏଁ ରାଜ୍ୟ ସରକାର ସହ ଯୋଗାଯୋଗ କରିନାହାନ୍ତି । ଏଣେ ଓଡ଼ିଶା ସରକାର ସ୍ୱେଚ୍ଛାକୃତ ଭାବେ ୩୦୦ କୋଟି ଟଙ୍କା ସହିତ ଏହି ରେଳ ପ୍ରକଳ୍ପ ପାଇଁ ମାଗଣା ଜମି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ବୋଲି କହି ବିଜେଡି ସ୍ପଷ୍ଟୀକରଣ ଦେଇଥିଲା । କିନ୍ତୁ ଗତ ରେଳ ବଜେଟ୍ ବେଳେ ଏହି ପ୍ରକଳ୍ପର ନାମଗନ୍ଧ ରହିନଥିଲା । ଫଳରେ ଏହି ପ୍ରସ୍ତାବିତ ପ୍ରକଳ୍ପର ଭବିଷ୍ୟତ ଅନ୍ଧାର ଘେରକୁ ଚାଲି ଯାଇଥିଲା । କାରଣ ବଜେଟ୍‌ରେ ଏହି ପ୍ରସ୍ତାବିତ ରେଳଲାଇନ୍ ପାଇଁ ଅର୍ଥ ବରାଦ ହୋଇନଥିଲା । ୨୦୧୮ ବିଜେପୁର ଉପନିର୍ବାଚନରୁ ଏହି ପ୍ରକଳ୍ପ ନେଇ ଉଭୟ ବିଜେଡି ଏବଂ ବିଜେପି ମଧ୍ୟରେ ଟକ୍କର ଆରମ୍ଭ ହୋଇଥିଲା । ଯାହା ସଦ୍ୟ ଶେଷ ହୋଇଥିବା ପଦ୍ମପୁର ଉପନିର୍ବାଚନରେ ଆହୁରି ଉଗ୍ର ହୋଇଥିଲା । ଗତବର୍ଷ ଏହି ୧୪୨ କିଲୋମିଟର ପ୍ରସ୍ତାବିତ ରେଳ ଲାଇନ୍ ପାଇଁ କେନ୍ଦ୍ର ରେଲୱେ ବୋର୍ଡ ନୀତିଗତ ମଂଜୁରୀ ପ୍ରଦାନ କରିଥିଲା । ତେଣୁ ଏଥର ପ୍ରକଳ୍ପ ପାଇଁ ପୁନର୍ବାର ଚୂଡ଼ାନ୍ତ ସର୍ଭେ ଏବଂ ଅର୍ଥ ମଂଜୁର ନେଇ ସମ୍ଭାବନା ସୃଷ୍ଟି ହୋଇଥିଲା । ୨୦୧୮ଏପ୍ରିଲ ମାସରେ ପୂର୍ବତଟ ରେଳବାଇ ଉପମୁଖ୍ୟ ପ୍ରବନ୍ଧକ (ପରିଚାଳନା) ଉଭୟ ବରଗଡ଼ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କୁ ଚିଠି ଲେଖି ପ୍ରସ୍ତାବିତ ରେଳ ଲାଇନ୍‌ର ଟ୍ରାଫିକ୍ ସଂପର୍କିତ ତଥ୍ୟ ଦାଖଲ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ସେତିକିରେ ହିଁ ଏହି ପ୍ରକଳ୍ପ ଠପ୍ ହୋଇପଡ଼ିଥିଲା । ସଦ୍ୟ ଭାବେ ୨୦୧୮-୨୦୧୯ ମସିହାରେ ମଧ ସର୍ଭେ ସଂପାଦିତ ହୋଇଥିଲା । ହେଲେ ଏହି ୧୪୨ କିମି ବିଶିଷ୍ଟ ପ୍ରସ୍ତାବିତ ରେଳପ୍ରକଳ୍ପ ଆଗକୁ ବଢ଼ି ପାରିନଥିଲା । କିନ୍ତୁ ଏହି ପ୍ରକଳ୍ପକୁ ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ପରିଷଦ (ଓଆରଆଇଡିଏଲ୍) ଚିହ୍ନଟ କରିଥିଲା । ଓଡ଼ିଶା ସରକାରଙ୍କ ୫୧ ପ୍ରତିଶତ ଓ ରେଳ ମନ୍ତ୍ରଣାଳୟର ୪୯ ପ୍ରତିଶତ ଅଂଶୀଦାରିରେ ଏହି ପ୍ରକଳ୍ପ ଆଗକୁ ବଢ଼ାଇବାକୁ ପ୍ରସ୍ତାବ ଦିଆଯାଇଥିଲା । ପୂର୍ବରୁ ଓଡ଼ିଶା ସରକାର ଜମି ଅଧିଗ୍ରହଣ ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏବେ ବିଧିବଦ୍ଧ ଅନୁମୋଦିତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହି ପ୍ରକଳ୍ପ ଶୀଘ୍ର ଆଗେଇବା ସମ୍ଭାବନା ବଢ଼ି ଯାଇଛି ।

# ଜୟପାଟଣାରେ ନୂତନ ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରା ଜଜ୍‌ଙ୍କ ଅଦାଲତ ଉଦ୍‌ଘାଟିତ

ମୁଖୀଗୁଡ଼ା, ୨୧/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ବରିଷ୍ଠ ଦେୱାନୀ ବିଚାରପତି ତଥା ସହଜାରୀ ଦୌରା ଜଜ୍ ଙ୍କ ଅଦାଲତ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଳିଧରଙ୍କ ଦ୍ୱାରା ଭରଚୁଆଲ ମୋଡ଼ରେ ମାନ୍ୟବର ଓଡିଶା ହାଇକୋର୍ଟର ଜଷ୍ଟିସ ବିଶ୍ୱନାଥ ରଥଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଓ ଦୌରାଜଜ ଦୀପ୍ତି ରଞ୍ଜନ କାନୁନଗୋ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଶ୍ରୀଦିପ ମିଶ୍ର, ନୂତନ ଭାବେ ଯୋଗଦେଇଥିବା ସିନିୟର ସିଭିଲ ଜଜ ଜିତେନ୍ଦ୍ରିୟ ପାଣିଗ୍ରାହୀ, କୟପାଟଣା ସିଭିଲ ଜଜ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ପ୍ରତାପ ଚନ୍ଦ୍ର ପୃଷ୍ଟି , ଜୟପାଟଣା ଓକିଲ ସଂଘର ସଭାପତି,ମନୋରଞ୍ଜନ ସିଂ, ଉପ ସଭାପତି ନିହାର ରଂଜନ ବେହେରା ସଂପାଦକ ତପନ କିରଣ ପାଢ଼ୀ,କୋଷାଧ୍ୟକ୍ଷ ସୌମ୍ୟ ରଂଜନ ହୋତା , ବରିଷ୍ଠ ଓକିଲ ପ୍ରମୋଦ କୁମାର ପଣ୍ଡା, ରଜନୀକାନ୍ତ ପଣ୍ଡା, ନିହାର ରଂଜନ ବେହେରା,ପ୍ରବୀର ବେହେରା ,ସୌଦାମିନୀ ଦ୍ୱିବେଦୀ, କେଦାରନାଥ ସାହୁ ,ମଧୁମଙ୍ଗଲ ପଣ୍ଡା ,ମନୋରଞ୍ଜନ ମାଝୀ,ଆଶିଷ ପଣ୍ଡା, ସଂଜୀବ ପଣ୍ଡା ଙ୍କ ସମେତ ସମସ୍ତ ଓକିଲ , ଧର୍ମଗଡ଼,କୋକସରା, କେସିଙ୍ଗା, ମଦନପୁର ରାମପୁର ,ଥୁଆମୂଳ ରାମପୁର ଓକିଲ ସଂଘର କର୍ମକର୍ତ୍ତା ମାନେ ଏହି ଅବସରରେ ଉପସ୍ଥିତ ଥିଲେ ।ଗତ ୨୦୧୦ ମସିହା ରୁ ଜୟପାଟଣା ଠାରେ ଦେୱାନୀ ଜଜ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତିଙ୍କ ଅଦାଲତ କାର୍ଯ୍ୟକାରୀ ହେଉଅଛି, ଦୀର୍ଘ ଦିନରୁ ସ୍ଥାନୀୟ ଜନସାଧାରଣ ଓ ଓକିଲଙ୍କ ପ୍ରଚେଷ୍ଟା ପରେ ଜୟପାଟଣା ଠାରେ ବରିଷ୍ଠ ଦେୱାନି ତଥା ସହକାରୀ ଦୌରା ଜଜ୍ ଙ୍କ ଅଦାଲତର ଉଦଘାଟନ ହୋଇଥିବାରୁ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

# ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ ଶୁଖିଲା ନଡ଼ିଆ : ଆର୍ଥ୍ରାଇଟିସ ସମସ୍ୟାରୁ ମିଳିଥାଏ ମୁକ୍ତି

ଶୁଖିଲା ନଡ଼ିଆ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ହୋଇଥାଏ । ଶୁଖିଲା ନଡ଼ିଆରେ ଭିଟାମିନ,ପ୍ରୋଟିନ, ଆଇରନ, ସେଲେନିଅମ ଆଦି ପୋଷକ ତତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ । ଶୁଖିଲା ନଡ଼ିଆ ମହିଳାଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏହା ରକ୍ତ ଅଭାବ ପୁରାଣ କରିଥାଏ । ତେଣୁ ମହିଳା ତାଙ୍କ ଭୋଜନ ରେ ଶୁଖିଲା ନଡ଼ିଆ ଜରୁର ସାମିଲ କରିବା ଉଚିତ । ଶୁଖିଲା ନଡ଼ିଆରେ ଆହୁରି ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ସେସବୁ କଣ । ଅଧିକାଂଶ ମହିଳାଙ୍କ ଠାରେ ଆର୍ଥ୍ରାଇଟିସ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ରକ୍ତ ହୀନତା ଦେଖାଯାଏ । ରକ୍ତ ହୀନତା ଦୂର କରିବା ପାଇଁ ଶୁଖିଲା ନଡ଼ିଆ ସେବନ ମହିଳାଙ୍କ ପାଇଁ ହୋଇଥାଏ ଲାଭକାରୀ । କାରଣ ଶୁଖିଲା ନଡ଼ିଆରେ ପ୍ରଚୁର ଆଇରନ ରହିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଏଥିରେ ଥିବା ଫ୍ୟାଟି ଏସିଡ ଶିଶୁ ବିକାଶରେ ସହାୟକ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ୟୁରିନ ସଂକ୍ରମଣ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ ।



# ୩ ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା କମିଥାଏ କ୍ୟାନ୍ସର ରୋଗର ଆଶଙ୍କା

ରକ୍ତ ଦାନ କରି ଆପଣ ଅନେକ ଜୀବନ ରକ୍ଷା କରିପାରିବେ । କିନ୍ତୁ ଆଜି ବି ଭାରତର କିଛି ଲୋକମାନେ ରକ୍ତ ଦାନ କରିବାକୁ ଭୟ କରୁଛନ୍ତି । ସେମାନେ ଅନୁଭବ କରନ୍ତି ଯେ ରକ୍ତ ଦେବା ପରେ ଶରୀର ଦୁର୍ବଳ ହୋଇଯାଏ । ଯେତେବେଳେ ଏପରି କିଛି ହୋଇଥାଏ । ରକ୍ତ ଦାନ ଶରୀରକୁ ସୁସ୍ଥ ରଖେ ଏବଂ ଅନେକ ରୋଗ କୁ ଦୂର କରେ । ହୃଦୟ ପାଇଁ ରକ୍ତ ଦାନ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ ।ରକ୍ତ ଦାନ ଓଜନକୁ ନିୟନ୍ତ୍ରଣରେ ରଖେ । ଏହା କର୍କଟ ଭଳି ବିପଜ୍ଜନକ ରୋଗର ଆଶଙ୍କା ମଧ ହ୍ରାସ କରିଥାଏ । ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ସେଥିପାଇଁ ଲୋକମାନେ ରକ୍ତ ଦାନ କରିବାକୁ ଭୟ କରନ୍ତି । ଆସନ୍ତୁ ଜାଣିବା ରକ୍ତ ଦାନର ଲାଭ କ'ଣ ଏବଂ କେତେ ଦିନ ମଧରେ ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କରିପାରିବ ।



**ରକ୍ତ ଦାନ କରିବାର ଲାଭ**

ହୃଦୟକୁ ସୁସ୍ଥ ରଖେ – ରକ୍ତଦାନର ସବୁଠାରୁ ବଡ ଲାଭ ହେଉଛି ଏହା ହୃଦୟକୁ ସୁସ୍ଥ ରଖେ । ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କର ଷ୍ଟ୍ରୋକ୍ ପରି ହୃଦୟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁତ କମିଯାଏ । ଯଦି ଆପଣଙ୍କ ରକ୍ତରେ ଆଇରନ ପରିମାଣ ଅଧିକ ବଢ଼େ, ତେବେ ଏହା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ ।

କର୍କଟ ରୋଗର ଆଶଙ୍କା ହ୍ରାସ ହୁଏ – ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କ ଶରୀରରେ ଆଇରନ ସନ୍ତୁଳନ ବଜାୟ ରଖେ ।ଏହାଦ୍ୱାରା ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।ରକ୍ତ ଦାନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଦୂର ହୁଏ ।

ମେଦବହୁଳତା ହ୍ରାସ – ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ଆପଣ ଅଧିକ କ୍ୟାଲୋରୀ ଜଳାନ୍ତି, ଯାହା ଆପଣଙ୍କ ପାଇଁ ଓଜନ ହ୍ରାସ କରିବା ସହଜ କରିଥାଏ । ରକ୍ତ ଦାନ କରିବା ପରେ, କିଛି ମାସ ମଧ୍ୟରେ ଲାଲ ରକ୍ତ କଣିକାର ସ୍ତର ସମାନ ହୋଇଯାଏ । ଯଦି ଆପଣ ଏକ ସୁସ୍ଥ ଖାଦ୍ୟ ଓ ବ୍ୟାୟାମ କରନ୍ତି, ତେବେ ଆପଣଙ୍କର ଓଜନ ଦ୍ରୁତ ଗତିରେ କମିବା ଆରମ୍ଭ କରେ ।

ଲାଲ୍ କୋଷ ଉତ୍ପାଦନ ବୃଦ୍ଧି କରେ – ରକ୍ତ ଦାନ କରୁଥିବା ଲୋକଙ୍କ ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ଯେଉଁ କାରଣରୁ ଶରୀରରେ ଲାଲ ରକ୍ତ କଣିକା ବୃଦ୍ଧି ପାଇଥାଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖେ ।

ସ୍ୱାସ୍ଥ୍ୟ ଭଲ ରୁହେ – ଯେଉଁମାନେ ନିୟମିତ ଭାବରେ ରକ୍ତ ଦାନ କରନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅନ୍ୟମାନଙ୍କ ଅପେକ୍ଷା ଭଲ ରୁହେ । ଏହା ସାମଗ୍ରିକ ସ୍ୱାସ୍ଥ୍ୟକୁ ଭଲ ରଖେ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ । ରକ୍ତ ଦାନ କରି, ଆପଣ କାହାର ଜୀବନ ରକ୍ଷା କାରୁଛନ୍ତି, ଏହା ମାନସିକ ସନ୍ତୁଷ୍ଟି ମଧ ଦେଇଥାଏ ।

କେତେ ଦିନ ମଧରେ ରକ୍ତ ଦାନ କରାଯିବା ଉଚିତ

ଡାକ୍ତରମାନେ କହିଛନ୍ତି ଯେ ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ୩ ମାସରେ ରକ୍ତ ଦାନ କରିବା ଉଚିତ୍ । ଏହା ପଛର କାରଣ ହେଉଛି ଶରୀରରେ ୯୦ ରୁ ୧୨୦ ଦିନ ମଧରେ ଲୋହିତ ରକ୍ତ କଣିକା ସ୍ୱୟଂଚାଳିତ ଭାବରେ ମରିଯାଏ ଏବଂ ନୂତନ କୋଷ ଗଠନ ହୁଏ । ଡାକ୍ତରମାନେ ପ୍ରତି ୩ ମାସରେ ରକ୍ତ ଦାନ କରିବାକୁ ପରାମର୍ଶ ଦିଅନ୍ତି ।

# ବୈବାହିକ ଜୀବନରେ ଖୁସି ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ

ତେବେ ପୁରୁଷମାନେ ନିଜ ଯୌନଶକ୍ତି ବଢ଼ାଇବା ପାଇଁ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାରର ମେଡ଼ିସିନ ଖାଇବାକୁ ମନସ୍ତ କରନ୍ତି ଯାହା ତାଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ । କିନ୍ତୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଟିପ୍ସ କହିବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ପାଇବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ । ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ ।

କଦଳୀ : କଦଳୀ ହେଉଛି ଏକ ପ୍ରୋଟିନର ଉତ୍ସ । କଦଳୀରେ ପ୍ରଚୁର ପରିମାଣରେ ପୋଟାସିୟମ୍ ରହିଥାଏ । ଯେଉଁ କାରଣରୁ କଦଳୀ ଖାଇବା ଦ୍ୱାରା ନିମ୍ନ ରକ୍ତଚାପ ଠିକ୍ ରହିଥାଏ । ଆଉ ଯୌନ ଅଙ୍ଗଗୁଡ଼ିକର ସଠିକ୍ କାର୍ଯ୍ୟ ପାଇଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ । ଏହି କାରଣରୁ, ଜଣେ ବ୍ୟକ୍ତି ସମ୍ପର୍କ ସ୍ଥାପନ କଲାବେଳେ ଶୀଘ୍ର କ୍ଳାନ୍ତ ହୁଏ ନାହିଁ ଏବଂ ଉତ୍ସାହ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ ।

ରସୁଣ-ପିଆଜ : ଘରେ କିଛି ଖାଦ୍ୟ ପ୍ରସ୍ତୁତ ତିଆରି କରିବା ପାଇଁ ରସୁଣ-ପିଆଜ ବ୍ୟବହାର କରିବା ଏକ ସାଧାରଣ କଥା । କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ଦୁଇଟି ଜିନିଷର ଜବରଦସ୍ତ ଗୁଣ ରହିଛି । ଆଉ ସେଗୁଡିକ ଖାଇବା ଦ୍ୱାରା ପୁରୁଷମାନଙ୍କ ମଧରେ ଯୌନ ଶକ୍ତି ବଢ଼ିଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା : ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ ବହୁତ ବୃଦ୍ଧି ପାଇଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା : ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ । ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ ବହୁତ ବୃଦ୍ଧି ପାଇଥାଏ ।

ସୂର୍ଯ୍ୟ କିରଣ : ଯୌନ ଶକ୍ତି ଟିପ୍ସ ବୃଦ୍ଧି କରିବାକୁ, ପ୍ରତିଦିନ ସୂର୍ଯ୍ୟ କିରଣ ଗ୍ରହଣ କରିବା ଭଲ ବୋଲି କୁହାଯାଇଛି । ଏହା କରିବା ଦ୍ୱାରା ଆମ ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ କମିଯାଏ, ଯେଉଁ କାରଣରୁ ଯୌନ ସମ୍ପର୍କ ରଖିବା ସମୟରେ କୌଣସି ଅସୁବିଧା ହୁଏନାହିଁ ।

ପ୍ରେମର ମୂହୁର୍ତ୍ତରେ ବିଫଳତାକୁ ଏଡାଇବା ପାଇଁ ଟେନସନକୁ ଆପଣଙ୍କ ଜୀବନଠାରୁ ଦୂରରେ ରଖନ୍ତୁ । ଏଥିପାଇଁ ସକାଳ କିମ୍ବା ସନ୍ଧ୍ୟାରେ ଚାଲିବାର ଅଭ୍ୟାସ କରନ୍ତୁ । ବ୍ୟାୟାମ କରିବା ସହିତ ପ୍ରତିଦିନ ଯୋଗ ଧ୍ୟାନ କରନ୍ତୁ । କେବଳ ଏତିକି ନୁହେଁ ଆପଣଙ୍କ ସାଥୀଙ୍କ ସହିତ ମଧ ଛୋଟ ଛୋଟ ଟ୍ରିପ ଯୋଜନା କରନ୍ତୁ ଯାହା ଦ୍ୱାରା ଆପଣଙ୍କ ମାନସିକ ସ୍ଥିତି ଠିକ ରହିବ ଏବଂ ଆପଣ ଦାମ୍ପତ୍ୟ ଜୀବନରେ କୌଣସି ବିଫଳତା ଦେଖା ଯିବନାହିଁ ।



# କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି । ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଡସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ ସାହାଯ୍ୟ କରିଥାଏ । ଏଥିରେ ଟାର୍ଟାରିକ୍ ଏସିଡ୍ ମଧ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ ନିୟନ୍ତ୍ରଣ କରିଥାଏ ।



କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ । ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ । ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି ।

# ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ହେଲେ ରାତିରେ ଡ୍ୟାନ୍ସ ମନା । ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍ ।

■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ । କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍ । ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାତୀୟ ମୁଦ୍ରାର ଏକଲକ୍ଷ ୭୬ହଜାର ଟଙ୍କା ଆଦାୟ କରାଯାଏ । ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ । ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି ।

# ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ । ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ କରିପାରିଥାନ୍ତି ।



# ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ । ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

# ଅତି ଉପାଦେୟ ଓଟ କ୍ଷୀର : ଛିଣ୍ଡେନାହିଁ କି ସହଜରେ ବସେ ନାହିଁ

ଶିଶୁ ପାଇଁ ମା'କ୍ଷୀର ସର୍ବଦା ସର୍ବୋତ୍କୃଷ୍ଟ ତଥା ଅତୁଳନୀୟ ହୋଇଥିବା ବେଳେ ବିକଳ୍ପ ଭାବେ ଗାଈ, ଛେଳି, ମଇଁଷି ଓ ଓଟ ପରି ବିଭିନ୍ନ ସ୍ତନ୍ୟପାୟୀମାନଙ୍କର କ୍ଷୀର ମଧ ବ୍ୟବହୃତ ହେଉଛି । ତେବେ ସୀମିତ ଅଞ୍ଚଳରେ ଉପଲବ୍ଧ ଓଟ କ୍ଷୀରର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । କାରଣ ଗାଈ କ୍ଷୀର ତୁଳନାରେ ଓଟ କ୍ଷୀରରେ ତିନିଗୁଣା ଅଧିକ ଭିଟାମିନ୍ ସି' ଓ ୧୦ ଗୁଣା ଅଧିକ ଲୌହସାର ରହିଛି । ସେହିପରି ଏଥିରେ ଅଧିକ ପରିମାଣର ଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି । ଅପରପକ୍ଷେ, ଓଟକ୍ଷୀରରେ କମ୍ ପରିମାଣର ଭିଟାମିନ୍ ଏ' ଓ ଭିଟାମିନ୍ ବି୨' ରହିଛି । ତେବେ ଏହି କ୍ଷୀରର ଆଉ ଏକ ବିଶେଷ ଗୁଣ ହେଲା, ଏହା ଆଦୌ ଛିଣ୍ଡେନାହିଁ । ସାଧାରଣତଃ କ୍ଷୀର ଛିଣ୍ଡିବା ଏକ ପ୍ରାକୃତିକ ପ୍ରକ୍ରିୟା ।

ଏଥିରେ ବୀଜାଣୁମାନଙ୍କ ବିଘଟନ ଯୋଗୁଁ କ୍ଷୀର ଦହିରେ ପରିଣତ ହୋଇଥାଏ । ମାତ୍ର ଅନ୍ୟମାନଙ୍କ କ୍ଷୀରଠାରୁ ଭିନ୍ନ ଥିବା ଓଟ କ୍ଷୀର ଆଦୌ ଛିଣ୍ଡେନାହିଁ । କାରଣ ଏହି ସ୍ୱତନ୍ତ୍ର ଧରଣର କ୍ଷୀରର ରାସାୟନିକ ଗଠନ ହିଁ ଏହାକୁ ଏପରି ବିଶେଷ ଗୁଣର କରିଥାଏ । ଏଥିରେ ରହିଥିବା କ୍ୟାସିନ୍ ମିସେଲସ୍ ଓ କ୍ୟାଲସିଅମ୍ ପରି ଯୌଗିକର ମିଶ୍ରଣରୁ ସୃଷ୍ଟ ରାସାୟନିକ ଗଠନ ଯୋଗୁଁ ଓଟକ୍ଷୀର ଛିଣ୍ଡେନାହିଁ କି ସହଜରେ ବସେନାହିଁ । ସେହିପରି ଏଥିରୁ ଛେନା ତିଆରି କରିବା ମଧ ଆହୁରି କଷ୍ଟକର । ତେବେ ଓଟ କ୍ଷୀରରେ ରହିଥିବା ପୁଷ୍ଟିସାର ଓ ଏହାର ସୀମିତ ଜମାଟ ବାନ୍ଧିବା ଗୁଣ ମଧୁମେହ-୧ ରୋଗୀଙ୍କ ପାଇଁ ଖୁବ୍ ? ମଙ୍ଗଳକରୀ । ଅଧିକ ସମୟ ଫ୍ରିଜ୍ ?ରେ ରହିଲେ ଗାଈ କ୍ଷୀର ଯେପରି ପିତା ହୋଇଯାଏ, ଓଟ କ୍ଷୀର ସେପରି ପିତା ଲାଗେ ନାହିଁ ଏବଂ ଓଟର ବସବାସ ଅଞ୍ଚଳ ମରୁଭୂମିରେ ଉଚ୍ଚ ତାପମାତ୍ରାର ପ୍ରଭାବ ଯୋଗୁଁ ଏହାର କ୍ଷୀର ଶୀଘ୍ର ନଷ୍ଟ ହୁଏନାହିଁ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କଂଗ୍ରେସର ଭବିଷ୍ୟତ...

କର୍ଣ୍ଣାଟକରେ ଜନତା ଦଳ (ଧର୍ମନିରପେକ୍ଷ) ସହିତ ମେଣ୍ଟ କରି କଂଗ୍ରେସ ୨୦୧୮ରେ ଏହାର ପ୍ରଥମ ପାଳିର ଶାସନ ଆରମ୍ଭ କରିଥିଲା । ସେ ସମୟରେ ଦେଶର ପ୍ରାୟ ପ୍ରତ୍ୟେକ ବିରୋଧୀ ଦଳର ନେତା ପରବର୍ତ୍ତୀ ବର୍ଷ ଅର୍ଥାତ୍ ୨୦୧୯ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ବିରୁଦ୍ଧରେ ସଂଗ୍ରାମ କରିବାକୁ ଏକ ମିଳିତ ସାମ୍ମୁଖ୍ୟ ଗଠନ କରିବାକୁ ଜୋରଦାର ଉଦ୍ୟମ ଚଳାଇ ଥିଲେ। ତଥାପି, ମିଳିତ ସାମ୍ମୁଖ୍ୟ ଗଠନ ହୋଇ ପାରିଲା ନାହିଁ; ୨୦୧୯ରେ ବିରୋଧୀମାନେ ଧରାଶାୟୀ ହୋଇଗଲେ, କେବଳ ସାରା ଭାରତରେ ନୁହେଁ, କର୍ଣ୍ଣାଟକରେ ମଧ- ୨୮ଟି ଲୋକସଭା ଆସନ ମଧ୍ୟରୁ ମାତ୍ର ତିନୋଟି ଅକ୍ତିଆର କରିବାରେ ସମର୍ଥ ହେଲେ । ଏହାର କାରଣ ଥିଲା- ଆଭ୍ୟନ୍ତରୀଣ ଦଳୀୟ କନ୍ଦଳ, ନେତାମାନଙ୍କ ମଧ୍ୟରେ ନିରନ୍ତର ବିବାଦ ଏବଂ ଏକ ଉଦାସୀନ ପ୍ରଶାସନ। ତେବେ ତାହା ଆଜି ଅତୀତ, ଯଦିଓ ଘଟଣାବଳୀ ଅନେକାଂଶରେ ସେହି ଦିନଗୁଡ଼ିକ ଭଳି ବିରୋଧୀମାନଙ୍କ ଦ୍ୱାରା ସମାନ ଭାବରେ ପ୍ରଦର୍ଶନ କରାଯାଉଥିବା ଦେଖିବାକୁ ମିଳୁଛି । ଅପର ପକ୍ଷରେ କଂଗ୍ରେସ ନିକଟରେ ଏକ ପ୍ରଭାବଶାଳୀ ବିଜୟ ହାସଲ କରି କର୍ଣ୍ଣାଟକରେ ପୁଣିଥରେ ସରକାର ଗଠନ କରିବାକୁ ଯାଉଛି । ସିଦ୍ଧରମେୟା ଏବଂ ଡିକେ ଶିବକୁମାରଙ୍କ ମଧ୍ୟରେ ବିବାଦକୁ ସମାଧାନ କରି ସାରିବା ପରେ ଏହା ମଧ ନିଜର ୨୦୧୮ର ଅନୁଭୂତିରୁ ବେଶ୍ କିଛି ଶିକ୍ଷାଲାଭ କରି ଦଳ ଭିତରେ ରହିଥିବା ଅସନ୍ତୋଷକୁ ନିୟନ୍ତ୍ରଣ କରିବା ଅନିବାର୍ଯ୍ୟ । ସୁଖର କଥା, ବର୍ତ୍ତମାନ ରାଜ୍ୟରେ ପୂର୍ବ ଶାସନ କାଳରେ ବିରୋଧୀ ଦଳର ନେତା ରହି ଆସିଥିବା ସିଦ୍ଧରମେୟା ମୁଖ୍ୟମନ୍ତ୍ରୀ ଭାବରେ ଶାସନ କରିବେ। କିନ୍ତୁ ଏଥରକ ସେ ଦଳର ମନୋଭାବ ଏବଂ ଆବଶ୍ୟକତା ପ୍ରତି ଅଧିକ ଧ୍ୟାନ ଦେବା ଆଶା କରାଯାଏ। ଡିକେ ଶିବକୁମାର, ଯିଏକି ଅନେକଗୁଡ଼ିଏ କାରଣରୁ ଏହି ଶୀର୍ଷ ପଦବୀ ପାଇଁ ଦାବିଦାର ଥିଲେ, ବର୍ତ୍ତମାନ ସେ ଉପମୁଖ୍ୟମନ୍ତ୍ରୀ ହେବା ସହିତ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ତୁଲାଇବେ । ଦଳର କଳି ତୁଟାଇବାକୁ ଆପାତତଃ ବର୍ତ୍ତମାନ ପାଇଁ ଏଭଳି ସମାଧାନ ହୋଇଥିବା ଏବଂ ୨୦୨୪ ଲୋକସଭା ନିର୍ବାଚନ ପରେ ଏଥିରେ କିଛି ପରିବର୍ତ୍ତନ ହେବା ମନେହୁଏ। ଶ୍ରୀଯୁକ୍ତ ଶିବକୁମାର ଏକା ସାଙ୍ଗରେ ଦୁଇଗୋଟି ପଦବୀରେ ରହିବା କଂଗ୍ରେସ ଦଳର ନୀତି ବିରୋଧୀ, ତେବେ ଦଳ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ଦଳକୁ ଏପରି କରିବାକୁ ପଡ଼ିଛି । ଏଥିରେ ସନ୍ଦେହ ନାହିଁ ଯେ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କର ଏହା ଶେଷ ସିଦ୍ଧାନ୍ତ, କିନ୍ତୁ ଦଳର ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେଙ୍କୁ ମଧ୍ୟ କଳି ସମାଧାନ କରିବାର ଶ୍ରେୟ ଦିଆଯାଇପାରେ, ଯିଏକି ବିଜୟ ଲାଭ କରିବାର ଅବ୍ୟବହିତ ପରେ ଦଳ ଭିତରେ ମୁଣ୍ଡ ଟେକିଥିବା ଅନେକଗୁଡ଼ିଏ ବିବାଦକୁ ସମାଧାନ କରି ନିଜର ନେତୃତ୍ୱ ନେବାର ଦକ୍ଷତାକୁ ପ୍ରତିପାଦିତ କରି ପାରିଛନ୍ତି। ବର୍ତ୍ତମାନ ପାଇଁ ତ କର୍ଣ୍ଣାଟକର ନେତୃତ୍ୱ କନ୍ଦଳ ସମାଧାନ ହୋଇ ସାରିଛି। ଗୋଟିଏ ବିଧାନସଭା ନିର୍ବାଚନ ଜାତୀୟ ସ୍ତରର ନିର୍ବାଚନ ଲଢ଼ିବା ପାଇଁ ସୀମିତ ସଙ୍କେତ ପ୍ରଦାନ କରିଥାଏ ଓ ତଥାପି, କର୍ଣ୍ଣାଟକରେ ବିଜୟ ବିରୋଧୀଙ୍କ ପାଇଁ ଏକ ପ୍ରମୁଖ ସୂତ୍ର, କାରଣ ଏହା ଦେଶର ଏକ ବଡ଼ ଏବଂ ସମ୍ବଳ-ସମୃଦ୍ଧ ରାଜ୍ୟରେ ବିଜୟକୁ ଉପସ୍ଥାପିତ କରୁଛି। ଏହା ମଧ ବିରୋଧୀମାନଙ୍କ ପାଇଁ ଏକ ସମ୍ଭାବ୍ୟ ସଫଳ ରଣକୌଶଳର ରୂପରେଖକୁ ଅଙ୍କନ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ନିର୍ବାଚନୀ ରଣକୌଶଳ ମଧ୍ୟରେ ଅନ୍ତର୍ଭୁକ୍ତ ଜନକଲ୍ୟାଣକାରୀ ଯୋଜନା, ତୃଣମୂଳ ସ୍ତରର ନେତୃତ୍ୱ ଏବଂ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକର ଏକ ସମ୍ମିଶ୍ରଣ । କହିବା ବାହୁଲ୍ୟ, କଂଗ୍ରେସ ଏହାର ନେତୃତ୍ୱ କନ୍ଦଳକୁ ସମାଧାନ କରି ଏକ ଉତ୍ତମ କାର୍ଯ୍ୟ କରିଛି, ଯଦିଓ ଏଭଳି କାର୍ଯ୍ୟ କରିଥିବା ବିଚାରକ ମଣ୍ଡଳୀ ଏବେ ସୁଦ୍ଧା ମନରେ ଭାବନାଟିଏ ପୋଷଣ କରୁଥିବେ ଯେ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଘଟଣାକୁ ସାମୟିକ ଭାବରେ ଏହା ଗୋଇଠା ମାରି ଆଡ଼େଇ ଦେଇ ନାହାନ୍ତି ତ ! ତେଣୁ ଦଳ ଓ ନେତୃବୃନ୍ଦଙ୍କ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେବ ଶତ୍ରୁଭାବାପନ୍ନ ଉଚ୍ଚାକାଂକ୍ଷା କିଛି କାମ କରିବ ନାହିଁ ଏବଂ ଲୋକମାନଙ୍କୁ ସୁଶାସନ ପ୍ରଦାନ କରାଯାଉଛି ବୋଲି ସୁନିଶ୍ଚିତ କରିବା। କର୍ଣ୍ଣାଟକରେ ଏକ ବଡ଼ ଧରଣର କୁତ୍ସିତ କନ୍ଦଳର ରୂପ ନେବା ପୂର୍ବରୁ ତୁରନ୍ତ ଦଳୀୟ ମତାନ୍ତରକୁ ସମାଧାନ କରାଯିବା କଂଗ୍ରେସ ପାଇଁ ଏକ ଶୁଭଙ୍କରୀ କାର୍ଯ୍ୟ ହୋଇଥିବା ବେଳେ ଏହା ଆଗାମୀ ଦିନରେ ନିର୍ବାଚନର ସାମ୍ନା କରିବାକୁ ଯାଉଥିବା ରାଜସ୍ଥାନରେ ଲାଗିଥିବା ଅଣ୍ଟି ନିଆଁକୁ ଆୟତ୍ତ କରିବା ପାଇଁ ଦଳକୁ ଅନୁପ୍ରେରିତ କରିବା ଉଚିତ । ଦଳ ଯଦି ରାଜସ୍ଥାନରେ ଏବେଠୁ କାମ ଆରମ୍ଭ ନ କରେ, ତା'ହେଲେ ଅଶୋକ ଗେହଲଟ୍ ଏବଂ ସଚିନ୍ ପାଇଲଟ୍‌ଙ୍କ ମଧ୍ୟରେ ଚାଲିଥିବା ଗୋଡ଼ ଟଣାଟଣି କାର୍ଯ୍ୟ କଂଗ୍ରେସକୁ ଉକ୍ତ ରାଜ୍ୟରେ କ୍ଷମତାକୁ ଫେରିବା ପଥରେ ପ୍ରତିବନ୍ଧକ ସୃଷ୍ଟି କରିବ । କର୍ଣ୍ଣାଟକରେ କଂଗ୍ରେସକୁ ମଜଭୁତ ସ୍ଥିତି ଦେବା ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ସିଦ୍ଧରମେୟାଙ୍କ ଭଳି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜାତିଗତ ନ୍ୟାୟ ପ୍ରଦାନକାରୀ ମିଳିଥିବା ବେଳେ ଶିବକୁମାରଙ୍କ ଭଳି ଜଣେ ଦକ୍ଷ ସାଂଗଠନିକ ନେତା ମିଳିଛନ୍ତି । ଅଧିକନ୍ତୁ, ଏବେ କଂଗ୍ରେସ ନିକଟରେ ରହିଛନ୍ତି ମଲ୍ଲିକାର୍ଜୁନ ଖାଡ଼୍‌ଗେଙ୍କ ଭଳି ଜଣେ ଦକ୍ଷ ସମସ୍ୟା ସମାଧାନକାରୀ ଏବଂ ରାହୁଲଙ୍କ ଭଳି ଜଣେ ଗତିଶୀଳତା ପ୍ରଦାନକାରୀ । ମୋଟାମୋଟି ଦଳ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ନିମନ୍ତେ ଏ ସମସ୍ତଙ୍କ କଳାର ସଦୁପଯୋଗ କରି ସମଗ୍ର ଦେଶ ପାଇଁ ଏକ ମଡେଲ ତିଆରି କରିବା ଉଚିତ ।

# ଓଡିଶାରେ ଜୈବିକ ହାଟର ଆବଶ୍ୟକତା ?

ଚାଷୀ ଜୈବିକ ଚାଷ କରିବାକୁ ମନ ବଳାଇଲେଣି। ଓଡ଼ିଶାର ଅନେକ ଜିଲ୍ଲାରେ ଏବେ ଜୈବିକ ଚାଷର ନାରା ବାଜିଲାଣି। ଗାଁଗାଁରେ ଚାଷୀ ମାନେ ଏକଜୁଟ ହୋଇ ଜୈବିକ ଚାଷକୁ ଆପଣେଇବାକୁ ମନସ୍ଥ କରି ଚାଷ ବି କଲେଣି। ଏପରିକି ସେମାନଙ୍କ ଗୃହିଣୀ ହୁଅନ୍ତୁ ଅବା ମିଶନ୍ ଶକ୍ତିର ମହିଳା ମାନେ ଏବେ ଜୈବିକ କୀଟନାଶକ ପ୍ରସ୍ତୁତ କରିବାର ପ୍ରଣାଳୀ ବି ଶିଖିଲେଣି। ସରକାରଙ୍କ ଦ୍ୱାରା ପରମ୍ପରାଗତ କୃଷି ବିକାଶ ଯୋଜନା ଆରମ୍ଭ କରାଯାଇ ଜୈବିକ ଚାଷକୁ ସ୍ୱୀକୃତି ଦିଆଯାଉଛି।

### ଡି. ଶୁଭମ୍



କୃଷି ଓ କୃଷକ ଆମ ଦେଶର ମେରୁଦଣ୍ଡ- ଏ ବାକ୍ୟଟି ସବୁବବେଳେ ସବୁସମୟରେ ସମସ୍ତଙ୍କ ଦ୍ୱାରା ବିଭିନ୍ନ ସଭା ସମିତିରେ ବ୍ୟବହାର କରାଯାଏ ସତ କିନ୍ତୁ ଏ ଉକ୍ତିର ଯଥାର୍ଥତା ବର୍ତ୍ତମାନ ସମୟରେ ଉପଲବ୍ଧି କରିବାର ଆବଶ୍ୟକତା ରହିଛି। ଏହା ନିଃସନ୍ଦେହ ଯେ ଆମ ରାଜ୍ୟର ଚାଷୀକୁଳ ବେଶ କୁଶଳୀ। ଆମ ରାଜ୍ୟର ଚାଷୀଙ୍କୁ କୁଶଳୀ ଆଉ ଦକ୍ଷ ବୋଲି ପ୍ରତିପାଦିତ କରିବାରେ କୌଣସି ଦ୍ୱିଧା ପ୍ରକାଶ କରିବା ଅନୁଚିତ୍। କାରଣ ସେବେର ସମୟ ଆଉ ବର୍ତ୍ତମାନ ଭିତରେ ଚାଷୀଙ୍କର ଚାଷ ପ୍ରଣାଳୀ, ଉତ୍ପାଦନ ହାର ତଥା ଚାଷ ଜମିରେ ନୂଆ ଜ୍ଞାନ କୌଶଳ ଉପଯୋଗ ଆଦିର ବହୁଳ ବ୍ୟବହାର ସେମାନ୍‌କୁ ବେଶ ଅଗ୍ରଣୀ କରିଦେଇଛି। ପ୍ରମୁଖ ଫସଲ ଭାବରେ ଧାନ ଆଉ ତା ପରେ ପରେ ମୁଗ,ବିରି ଚାଷ କରାଯାଉଥିଲେ ବି ସମ୍ପ୍ରତି ଅନେକ ଚାଷୀ ନିଜକୁ ଆତ୍ମନିର୍ଭରଶୀଳ ଆଉ ସ୍ୱାବଲମ୍ବୀ କରି ବେଶ ଦି ପଇସା କମେଇପାରୁଛନ୍ତି। ଜମିରେ ଚାଷ ହେଉଛି ସତ କିନ୍ତୁ ପ୍ରଣାଳୀ ବଦଳିଛି। ଉତ୍ପାଦନ ହେଉଛି ସତ ତା ସହ ଗୁଣାତ୍ମକ ମାନ ବଢ଼ିଛି। ଆମ ବାପା ଅଜା ଅମଳର ଢ଼ାଂଚା ପୁଣି ଥରେ ସମସ୍ତେ ଆପଣେଇବାକୁ ଚେଷ୍ଟା କରୁଛନ୍ତି। ଏବେ ଗାଁ ଗାଁରେ ଜୈବିକ ଚାଷର ନିଶା। ରାସାୟନିକ ସାର ଓ କୀଟନାଶକର ଭୟାବହତାକୁ ମୂଳପୋଛ କରି ଏକ ସୁସ୍ଥ, ସତେଜ ଆଉ ସବୁଜ ପରିବେଶ ଗଠନ ଦିଗରେ ସଭିଏଁ ତତ୍ପର।

ଏବେ କଥା ହେବା – ଏ ରାସାୟନିକ ଆଉ ଜୈବିକ ଚାଷ ଭିତରେ କ'ଣ ତଫାତ? ଏ କଥାକୁ ବେଶୀ ବୁଝାଇବାର ଆବଶ୍ୟକତା ନାହିଁ କାରଣ ସଭିଏଁ ଜାଣନ୍ତି ଏହାର ଉପକାରିତା ଆଉ ଅପକାରିତାବ ବିଷୟରେ। ତେବେ କଥା ଉଠୁଛି ଯଦି ଆମେ ରାସାୟନିକ ଚାଷର ଅପକାରିତା ବିଷୟରେ ଅବଗତ ଅଛନ୍ତି, ତେବେ ଅନ୍ୟମାନଙ୍କୁ ଏହା ନକରିବାକୁ ପରାମର୍ଶ ଦେବା ଆମର କର୍ତ୍ତବ୍ୟ ହେବା ଉଚିତ୍। ଚାଷ କହାକୁ ଶିଖାଇବାକୁ ପଡ଼େନି, କି ଚାଷୀକୁ ପଢ଼ାଇବାକୁ ହୁଏନି। ଚାଷୀ ଅଭିଜ୍ଞ। ଚାଷୀ କର୍ମଠ। ବାସ୍ ତାକୁ ସଚେତନ କରାଇବାର ଅଛି। ଆମ ରାଜ୍ୟ ଏବେ ବିକାଶର ପାଦଦେଶରେ। କୃଷି କ୍ଷେତ୍ରରେ ବେଶ ପାରଦର୍ଶିତା ଲାଭ କରିଛି ଓଡ଼ିଶା। ଏଠି ମାଟି ସବୁର୍ଣ୍ଣତାର ଗୁଣ ଗାଏ। ରାସାୟନିକ ଚାଷ ଏକ ଭୟବହତାର ମୂଳଦୁଆ ପକାଏ। ମଣିଷ ଶରୀର ଅଛି ମାନେ ରୋଗ ଅଛି ସେମିତି ଚାଷ ଅଛି ମାନେ ରୋଗ, ପୋକ ଲାଗିବା ଏକ ଅତି ସାଧାରଣ କଥା। ତେବେ ଏହାକୁ ଆମେ ଶୀଘ୍ର ମୂଳପୋଚନ କରିବା ଆଶାରେ ଅତ୍ୟାଧିକ୍ ଖର୍ଚ୍ଚ କରି କୀଟନାଶକକୁ ପ୍ରୟୋଗ କରି ପରୋକ୍ଷରେ ଆମ ଶରୀରକୁ ରୋଗ ମାନଙ୍କୁ ନିମନ୍ତ୍ରଣ କରୁ। କିନ୍ତୁ ଜୈବିକ ଚାଷ ଠିକ ଏହାର ଓଲଟା। ଏହା ରୋଗ ପୋକ ମୂଳପୋଛ କରିବ କିନ୍ତୁ ଏହା ଏକ ଧୀର ପ୍ରକ୍ରିୟା। ସମୟ ସହ ଅପେକ୍ଷା କଲେ ସୁଫଳ ମିଳିବ। କିନ୍ତୁ ଅଧିକ ଉତ୍ପାଦନ ଆଶାରେ ଆମେ ଆମ ମନ ମୁତାବକ ରାସାୟନିକ ସାର ଓ ବିଷର ପ୍ରୟୋଗ କରି ଜମିର ମାନ କମାଇଦେଉ। କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି। ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି। ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି। ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି। ହେଲେ କ'ଣ ହେବ, ସବୁ ଯାହାକୁ ତାହା। ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି। ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ। ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି।

ତେବେ ପ୍ରକାଶିତ ରିପୋର୍ଟ ଅନୁସାରେ ରାସାୟନିକ ସାରର ବ୍ୟବହାର ୨୦୧୫-୧୬ରୁ ୨୦୨୦-୨୧ ମଧ୍ୟରେ ପାଖାପାଖି ୧୬% ବଢ଼ିଛି। ୨୦୧୫-୧୬ରେ ଭାରତରେ ରାସାୟନିକ ସାରର ବ୍ୟବହାର ୫୧୦ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨୦୨୦-୨୧ରେ ଏହା ୫୯୦ ଲକ୍ଷ ମେଟ୍ରିକ ଟନରେ ପହଁଚିଛି। ହାରାହାରି ଭାରତରେ ଗତ ୧୦ ବର୍ଷ ମଧ୍ୟରେ ୫୦୦ଲକ୍ଷ ମେଟ୍ରିକ ଟନ ସାର ବ୍ୟବହୃତ ହୋଇସାରିଛି। ଜମିରେ ବ୍ୟବହାର କରାଯାଉଥିବା ବିଭିନ୍ନ ରାସାୟନିକ ସାର ମଧ୍ୟରୁ ୫୫-୬୦% କେବଳ ୟୁରିଆ ବ୍ୟବହୃତ ହେଉଛି। ତେବେ ଦାନାଦାର ୟୁରିଆର ବ୍ୟବହାର ଜମିରେ ଗୁଣାତ୍ମକ ମାନ କମାଇବା ସହ ମାଟିର ପୋଷକ ତତ୍ତ୍ୱ ନଷ୍ଟ କରାଉଛି। ୨୦୧୬-୧୭ ରୁ ୨୦୨୦-୨୧ ଭିତରେ ରାସାୟନିକ ସାରର ବ୍ୟବହାର ବହୁଳ ଭାବରେ ବୃଦ୍ଧି ପାଇଛି। ଏପରିକି ଭାରତର ପଂଜାବ, ତେଲେଙ୍ଗାନା, ହରିଆଣା, ବିହାର ଓ ପଣ୍ଡିଚେରୀରେ ଆଶାତୀତ ଭାବରେ ରାସାୟନିକ ସାରର ବ୍ୟବହାର କରାଯାଉଛି। ଏପରିକି ୨୦୧୫-୨୧ ମଧ୍ୟରେ ରାସାୟନିକ କୀଟନାଶକର ବ୍ୟବହାର ୮-୯% ବୃଦ୍ଧି ପାଇଛି। ତେବେ ଏହି କୀଟନାଶକ ବ୍ୟବହାର ବଢ଼ି ବଢ଼ି ୬୧,୭୦୨ ମେଟ୍ରିକ ଟନରେ ପହଁଚିଛି। ଭାରତରେ ଏମିତି ରାସାୟନିକ ସାର ଓ କୀଟନାଶକର ବ୍ୟବହାର ଉତ୍ପାଦନ ବଢ଼ାଇଛି ସତ କିନ୍ତୁ ପରୋକ୍ଷରେ ଆଶାତୀତ କ୍ଷତି କରୁଛି, ଏକଥା କାହାକୁ ଅଛପା ନାହିଁ।

ତେବେ ସମୟ ବଦଳିଲାଣି, ଲୋକଙ୍କ ବଂଚିବାର ଢ଼ାଂଚାର ପରିବର୍ତ୍ତନ ହେଲାଣି। ଚାଷୀ ଜୈବିକ ଚାଷ କରିବାକୁ ମନ ବଳାଇଲେଣି। ଓଡ଼ିଶାର ଅନେକ ଜିଲ୍ଲାରେ ଏବେ ଜୈବିକ ଚାଷର ନାରା ବାଜିଲାଣି। ଗା ଁ ଗାଁରେ ଚାଷୀ ମାନେ ଏକଜୁଟ ହୋଇ ଜୈବିକ ଚାଷକୁ ଆପଣେଇବାକୁ ମନସ୍ଥ କରି ଚାଷ ବି କଲେଣି। ଏପରିକି ସେମାନଙ୍କ ଗୃହିଣୀ ହୁଅନ୍ତୁ ଅବା ମିଶନ୍ ଶକ୍ତିର ମହିଳା ମାନେ ଏବେ ଜୈବିକ କୀଟନାଶକ ପ୍ରସ୍ତୁତ କରିବାର ପ୍ରଣାଳୀ ବି ଶିଖିଲେଣି। ସରକାରଙ୍କ ଦ୍ୱାରା ପରମ୍ପରାଗତ କୃଷି ବିକାଶ ଯୋଜନା ଆରମ୍ଭ କରାଯାଇ ଜୈବିକ ଚାଷକୁ ସ୍ୱୀକୃତି ଦିଆଯାଉଛି। କମ୍ ଖର୍ଚ୍ଚରେ କିପରି ଅଧିକ ଅମଳ ପାଇପାରିବା, ତାହା ଜୈବିକ ଚାଷର ମୁଖ୍ୟ ଲକ୍ଷ୍ୟ। ଗାଁରେ ଅନେକ ସଭା କରାଯାଉଛି, ଜୈବିକ ଚାଷର କଥା କୁହାଯାଉଛି, ତେବେ ଅର୍ଦ୍ଧାଧିକ ଚାଷୀ ଏହାକୁ ମାନି ଚାଷ ବି କରୁଛନ୍ତି। କିନ୍ତୁ ସବୁଠାରୁ ଦୁଃଖର କଥା ଚାଷୀ ଏହି ଉତ୍ପାଦକୁ ସଠିକ ଭାବରେ ବିକ୍ରି କରିପାରୁନାହିଁ।

ଆଜି ଚାଷୀ ନିମାସ୍ତ୍ର ହେଉ ଜୀବାମୃତ କି ବୀଜାମୃତ ଏସବୁ ବିଷୟରେ ବେଶ ଭଲ ଭାବରେ ଜାଣି ଜମିରେ ପ୍ରୟୋଗ ବି କରୁଛନ୍ତି। ଅନ୍ୟ ଚାଷୀ ମାନଙ୍କୁ ଏ ବିଷୟରେ ସଚେତନ ବି କରାଉଛନ୍ତି। ବିହନ ବିଶୋଧନ ଠୁ ଆରମ୍ଭ କରି ରୋଗ ପୋକ ଦମନ ଯାଏଁ ସବୁଠି ଜୈବିକର ଛାପ କିପରି ପଡ଼ିବ, ସେ ଦିଗରେ ସତ ଚେଷ୍ଟା କରୁଛନ୍ତି।

ଚାଷୀଟିଏ ପରିଶ୍ରମ କରି ଜୈବିକ ଚାଷ କରି ଫସଲ ଉତ୍ପାଦନ କରି ଅଲଗା ଭାବରେ ଏହାକୁ ବିକ୍ରି କରିପାରୁନି। ଯଦି ବି ବିକ୍ରି କରୁଛି, ତେବେ ଏହାର ଉପଯୁକ୍ତ ମୂଲ୍ୟ ପାଇବାରେ ବଂଚିତ ହେଉଛି। କାରଣ ଆମର ବଜାର ବ୍ୟବସ୍ଥା ସେମିତି ହୋଇଯାଇଛି ଯେ ଆମେ ରାସାୟନିକ ଓ ଜୈବିକ ଭିତରେ ବଜାର ମଧ୍ୟରେ ତାରତମ୍ୟ ରହୁନି। ଚାଷୀଟିଏ ଉତ୍ପାଦ ବିକ୍ରି ନକରିପାରି ଫସଲ ଫୋପାଡ଼ିବାର ନଜର ଏଇ କିଛି ଦିନ ତଳେ ସମସ୍ତେ ଭଣା ଅଧିକେ ଜାଣିଥିବେ। ସରକାରଙ୍କ ଦ୍ୱାରା ଜୈବିକ ଚାଷକୁ ପ୍ରାମାଣିକରଣ ପାଇଁ ଅନେକ ଯୋଜନା କରାଯାଉଛି। ଚାଷୀ ମାନେ ସଚେତନ ହେଉଛନ୍ତି। କିନ୍ତୁ ଏହା ଭିତରେ ମଧ ଏକ ଜୈବିକ ହାଟର ଆବଶ୍ୟକତା ଓ ଗୁରୁତ୍ୱ ଅନେକ ବୋଲି ଆମକୁ ବିଚାର କରିବାକୁ ହେବ। କାରଣ ଯଦି ସ୍ୱତନ୍ତ୍ର ଜୈବିକ ହାଟ ଟିଏ ପ୍ରତି ଗାଁ କି ବ୍ଲକରେ ହୁଅନ୍ତା, ତେବେ ଚାଷୀ ତାର ଉତ୍ପାଦ ସଠିକ ମୂଲ୍ୟରେ ବିକିପାରନ୍ତା। ଏବେ ସପିଂ ମଲ ରେ ଜୈବିକ ପନିନରିବା ମିଳଉଚି ତେବେ ଆମ ଗାଁ ମାନଙ୍କରେ କ'ଣ ପାଇଁ ଏହା ହୋଇପାରିବନି? ଆମ ରାଜ୍ୟରେ ଜୈବିକ ହାଟର ଅଧିନିୟମ ବାହାରିବା ଅବାଶ୍ୟକ। ଯାହାକୁ ଆମେ ସ୍ୱନ୍ତ୍ର ଅର୍ଗାନିକ ଭିଲେଜ ବୋଲି କହିପାରିବା। ଗାଁ ଗାଁରେ ଜୈବିକ ହାଟର ବ୍ୟବସ୍ଥା ହେବା ସରକାର। ଚାଷୀ ସେଠି ନିଜର ଫସଲକୁ ଲୋକଙ୍କୁ ବିକିପାରନ୍ତା ଓ ଲୋକମାନେ ଓଁକ ଜୈବିକ ପନିପରିବା ପାଇପରନ୍ତେ। ତେବେ ଏହା ପୂର୍ବରୁ ଚାଷୀ ମାନେ ଜୈବିକ ଚାଷର ପ୍ରାମାଣିକରଣ କରିବା ଅନିବାର୍ଯ୍ୟ। ସୁତରାଂ ଜେବିକି ଚାଷର ନାରା ଘରେ ଘରେ ପହଁଚୁ। ଚାଷୀ ସଚେତନ ହୁଅନ୍ତୁ, ପରିବେଶ ସବୁଜିମାରେ ଭରିଉଠୁ, ଏତିକି କାମନା।

ବାସୁଦେବପୁର, ଭଦ୍ରକ
ମୋ- ୯୪୩୮୪୬୭୦୭୯

# ରାଜ୍ୟ ବୋର୍ଡ ପରୀକ୍ଷା ଫଳାଫଳ ଜାତୀୟ ବୋର୍ଡକୁ ଟପିଲା : ପିଲାମାନେ କଲେଜରେ ସିଟ୍ ପାଇବେ ତ ?



### ସୁବ୍ରତ କର

ଏବେ ଏବେ ଆମ ରାଜ୍ୟର ବୋର୍ଡ ପରୀକ୍ଷାରେ ଫଳାଫଳ ବାହାରିଛି ଏବଂ କିଛିଦିନ ତଳେ ଜାତୀୟ ବୋର୍ଡର ମଧ ଫଳାଫଳ ବାହାରିଛି । ଏଥର କିନ୍ତୁ ପାସ ହାରରେ ଆମ ରାଜ୍ୟ ବୋର୍ଡର ଫଳାଫଳ (ପାସ୍‌ହାର) ୯୭.୪% ଥିବା ବେଳେ ଜାତୀୟ ବୋର୍ଡର ପାସ୍‌ହାର ୯୩.୧୨% । ବଡ଼ ପ୍ରଶ୍ନ ହେଉଛି ସବୁ ପିଲାମାନଙ୍କ ପାଇଁ ପ୍ରାୟ ୫ ଲକ୍ଷ ୧୨ ହଜାର ୪୬୦ ଜଣଙ୍କ ପାଇ ରାଜ୍ୟରେ ଥିବା ଯୁକ୍ତ ଦୁଇରେ ପ୍ରାୟ ୫ଲକ୍ଷ ୯ ହଜାର ପିଲାଙ୍କର ନାମ ଲେଖାଇବାର ବ୍ୟବସ୍ଥା ଚାଲିଛି । ଏହାଛଡ଼ା ଜାତୀୟ ବୋର୍ଡରୁ ବେଶ୍ କିଛି ପିଲା କଲେଜମାନଙ୍କରେ ନାମ ନିଶ୍ଚୟ ଲେଖାଇବେ । ହିସାବ କିତାବରୁ ଜଣା ପଡୁଛି ପ୍ରାୟ ସବୁ ପିଲା ଚାହିଁଲେ କଲେଜରେର ନାମ ଲେଖାଇ ପାରିବେ ନାହିଁ। ସେମାନେ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହେବେ । ଏ ପିଲାମାନେ କରିବେ କଣ? ରାଜ୍ୟ ସରକାର ଏହା ଉପରେ ଗୁରୁତ୍ୱ ଦେବା ଦରକାର ।

ଏବେ ଆସିବା ଆମ ଜିଲ୍ଲାକୁ । ଦୁଃଖର କଥା ବାଲେଶ୍ୱର ଜିଲ୍ଲା ପାସ ହାରରରେ ୨୨ତମ ସ୍ଥାନରେ ରହିଛି କିନ୍ତୁ ଆର ପଟରେ ଏହି ଜିଲ୍ଲାରୁ ୭୫୦ଜଣ ପିଲା ଏ-୧ ଗ୍ରେଡ୍ ପାଇଁ ସାରା ରାଜ୍ୟରେ ୧ ନମ୍ବର ସ୍ଥାନ ପ୍ରାପ୍ତ କରିଛନ୍ତି । କିନ୍ତୁ ବିଶେଷକରି ସହରରେ ଥିବା ସବୁ ସରକାରୀ ବିଦ୍ୟାଳୟରୁ ଏ-୧ଗ୍ରେଡ୍ ପାଇଥିବା ପିଲା ବହୁତ କମ୍ । ସହରରେ ଥିବା ବାଲେଶ୍ୱର ଜିଲ୍ଲା ସ୍କୁଲ ଏବଂ ବାଲ୍ମିକୀ ସରକାରୀ ସ୍କୁଲରୁ ଯଥାକ୍ରମେ ୭ ଜଣ ଏବଂ ୧ ଜଣ ପିଲା ଏ-୧ ପାଇଛନ୍ତି । ଅନ୍ୟ ସବୁ ସ୍କୁଲରୁ କେହି ଗୋଟଟାଏ ପିଲା ଏ-୧ ଗ୍ରେଡ ପାଇ ନାହାନ୍ତି । ଦେଖିବାକୁ ଗଲେ ବେସରକାରୀ ସ୍କୁଲର ପଢୁଥିବା ପିଲାମାନେ ଅତି ଭଲ ଫଳାଫଳ ଦେଖେଇ ପାରିଛନ୍ତି । ଏପରି ସ୍ଥଳେ ଅଭିଭାବକ ମାନେ ପରବର୍ତ୍ତୀ ସମୟରେ ସରକାରୀ ସ୍କୁଲଠାରୁ ଦୂରେଇ ଯିବେ ନାହିଁ ତ ଏହା ଭବିଷ୍ୟତ ପାଇଁ ଭଲ ନୁହଁ । ଏଇଠି ଆମେ କହିପାରିବା ତେବେ ସରକାର ସରକାରୀ ସ୍କୁଲମାନଙ୍କ ପାଇଁ ୫ଟି ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପିଲାମାନଙ୍କୁ ସବୁ ପ୍ରକାରର ସୁବିଧାଯୋଗଇେ ଦେବାରେ କୁଣ୍ଠାବୋଧ କରି ନାହାନ୍ତି ଏବଂ ଖାଲି ସରକାର ନୁହଁନ୍ତି, ଏହା ସହିତ ପୁରାତନ ଛାତ୍ର ସଂସଦ, ବହୁତ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମାନେ ମଧ ଆଗଭର ହୋଇ ଟଙ୍କାର ସୁଅ ବୁହାଇ ଦେଇଛନ୍ତି । ଏବେ ମନେ ହେଉଛି ଏ ସବୁ ବୃଥା । ତେବେ ଏହା ପାଇଁ କେଉଁ ସ୍ଥାନରେ ଅସୁବିଧା ହେଉଛି ସରକାର ତତ୍ପର ହୋଇ ସଜାଡ଼ିବା ପାଇଁ ପଦକ୍ଷେପ ନେବା ଦରକାର । ନ ହେଲେ ସରକାର ସ୍କୁଲ ସବୁ ୧୦ବର୍ଷ ପଛକୁ ଫେରିଯିବେ । ଏହା ଉପରେ ମଧ ସରକାର ଦୃଷ୍ଟିପାତ କରି ଯଥାଶୀଘ୍ର ବାଟ ବାହାର କରିବା ଦରକାର ।




## ଏ ଜୀବନ ନୁହେଁ

### ନୀଳମଣି ଚାନ୍ଦ



ଏ ଜୀବନ ନୁହେଁ ଝୁରି ମରିବାକୁ
ଝରେଇବାକୁରେ ଲୁହ
ବେଦନା ବହ୍ନିରେ କେତେ ଜଳିଜାଳି
ଶାନ୍ତ କରିବାକୁ କୋହ।

ସୁଖ ପରେ ଦୁଃଖ ଆସି ଯାଏ ଚାଲି
ସାଗରର ଢେଉ ପରି
ସ୍ମୃତି ହୋଇ ରହେ ଘଟଣା ପ୍ରବାହ
ରଖେ ମନକୁ ଆବୋରି
ଧରା ମଞ୍ଚଟିରେ କଳାକାର ହୋଇ
ଦେଖାଉ ରଙ୍ଗିଲା ମୁହଁ।

ଚଲା ପଥେ ଛାଇ ଖରାର ରୋଷଣି
ଥାଏ କାନ୍ଦ କିଛି ହସ
ପ୍ରୀତିର ପରଶ କରେ ମଧୁମୟ
ସଭିଏଁ ହୁଅନ୍ତି ବଶ
ଜୀବନକୁ ଆମେ ଯେମିତି ଭାବୁରେ
ଜୀବନ ସେମିତି ନୁହଁ।

କେବେରେ ଜୀବନ ପୀୟୁଷ ସମାନ
କେବେରେ ସାହାରା ମରୁ
ସମୟ କ୍ରମରେ ହେଉଥାଏ ଶୁଷ୍କ
କେବେ ପଲ୍ଲବିତ ତରୁ
ଜୀବନ ଏମିତି ବୀଜ ଗଣିତଟି
ନ କଷିଛି କିଏ କୁହ ?

ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ଉଦୁଉଦୁମା ତାଳଗୋଟମା

### ଜଗଦୀଶ ସାହୁ



ଉଦୁଉଦୁମା ତାଳଗୋଟମା
ଟାଣ ଖରା ପାଇଁ ଭୂମିରୁ ଭୂମା
ତତଲା ପ୍ୱନ ବହେ
ଦିନ ଦଶଟାରୁ ଆକାଶ ଦେହରୁ
ନିଆଁଝୁଲ ଝରୁଥାଏ !

ଉଦୁଉଦୁମା ତାଳଗୋଟମା
ବାହାରକୁ ସାଇ ଯିବୁନି ଜମା
ଯିବା ପାଇଁ ଦରକାର
ହେଲେ ଘରୁଗୋଡ଼ କାଢ଼ିବା ଆଗରୁ
ପାଣି ବୋତଲକୁ ଧର !

ଉଦୁଉଦୁମା ତାଳଗୋଟମା
ପଖାଳ ଖାଉଛି ଆମ ଜେଜେମା'
ଲେଉଟିଆ ଶାଗଭଜା
ବାଇଗଣ ପୋଡ଼ା ଟମାଟ ଚକଟା
ପାଟିକୁ ଲାଗଇ ମଜା !

ଉଦୁଉଦୁମା ତାଳଗୋଟମା
ଗୁଲୁଗୁଲି ସହି ପାରୁନି ରମା
ଛଟପଟ ସାରାରାତି
ପେଟ ଗରମକୁ ଥଣ୍ଡା ଜ୍ୱରହୋଇ
ମୁଣ୍ଡରୁ ଛାଡୁନି ତାତି !

ଉଦୁଉଦୁମା ତାଳଗୋଟମା
ଗଉରା ଚକରା କନକ ସୀମା
ଆସ ସବୁ ମିଳିମିଶି
ପଡ଼ିଆ ଜାଗାରେ ଗଛ ଲଗେଇବା
ପ୍ରକୃତି ହୋଇବ ଖୁସି !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬

## ତୋ ପ୍ରେମ ରେ ସିନା ମୁଁ ମଲି

### କୁନା ସେଠୀ



ପ୍ରେମ ଚିରନ୍ତନ ଶାଶ୍ୱତ ଈଶ୍ୱର
ପ୍ରେମ ଦେବ ଦେବ ବାବା ମହେଶ୍ୱର
ପ୍ରେମ ହିଁ ତ ସବୁ କିଛି
ପ୍ରେମ ବିନା କଣ ଜଗତ ସମ୍ଭବ
ପ୍ରେମରେ ତ ସବୁ ଅଛି ।

ପ୍ରେମ ହିଁ ତ ସତ୍ୟ ପ୍ରେମ ହିଁ ସୁନ୍ଦର
ପ୍ରେମ ସହ ବଞ୍ଚେ ଏ ସାରା ସଂସାର
ପ୍ରେମ ବିନା ଶାନ୍ତି କାହିଁ
ପ୍ରେମ ହୀନ ନର ଅଟଇ ବିକାର
ପ୍ରେମ ସ୍ୱର୍ଗ ସୁଖ ପାଇଁ ।

ପ୍ରେମ ମିଠା ଭାଷା ପ୍ରେମ ହିଁ ସାନ୍ତ୍ୱନା
ପ୍ରେମ ହିଁ ଜୀବନ ପ୍ରେମ ଆନମନା
ପ୍ରେମ ଦିଆନିଆ ମନ
ପ୍ରେମ ହିଁ ଜଗତ ପ୍ରେମ ହିଁ ତ ହିତ
ପ୍ରେମରେ ଉଦୟ ଜ୍ଞାନ ।

ପ୍ରେମ ହିଁ ତ ପୂଜା ପ୍ରେମ ହିଁ ତପସ୍ୟା
ପ୍ରେମ ସସାଗର ପ୍ରେମ ହିଁ ତ ବେଶ୍ୟା
ପ୍ରେମ ହିଁ ସଂସାର ସାର
ପ୍ରେମ ହିଁ କବିତା ପ୍ରେମ ହୃଦ ସୀତା
ପ୍ରେମ ହିଁ ଈଶ୍ୱର ବର ।

ପ୍ରେମ ଜଗନ୍ନାଥ ପ୍ରେମହିଁ ତ ରାମ
ପ୍ରେମ କୃଷ୍ଣ ପୁଣି ପ୍ରେମ ବଳରାମ
ପ୍ରେମ ହିଁ ମଗଳମୟ
ପ୍ରେମ ହିଁ ସକଳ ସବୁ କଳ ବଳ
ପ୍ରେମ ହିଁ ଅଟେ ବିଜୟ ।

ପ୍ରେମ କରେ ବୋଲି ପ୍ରେମ
ପରକାରେ
ପ୍ରେମରେ ହାରେନି ଅଯଥା ବିକାରେ
ପ୍ରେମ ରେ କାଳିଆ ଡୋର
ପ୍ରେମ ବନ୍ଧନରେ ପ୍ରେମ ଚନ୍ଦନରେ
ପ୍ରେମ ରେ କର ହେ ପାର ।

ପ୍ରେମ ତୁମ ସିନା ଭକତ ପ୍ରେମ ହେ
ପ୍ରେମ ଅଟେ ତୁମ ଜଗତ ଧାମ ହେ
ପ୍ରେମ ସେଥି ପାଇଁ କଲି
ପ୍ରେମ ବନ୍ଧନରେ ପ୍ରେମ ଚନ୍ଦନରେ
ପ୍ରେମ କରି ମୁହିଁ ମଲି ।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

# ଶ୍ରାଦ୍ଧକ୍ରିୟା



ନିରଞ୍ଜନ ସାହୁ

ମୁରଲୀଧର ବାବୁଙ୍କର ଦେହାନ୍ତ ହେବା ପରେ ଖୁବ ଆଡମ୍ବର ସହକାରେ କିପରି ଶୁଦ୍ଧିକ୍ରିୟାଟା ସମ୍ପାଦନ କରାଯିବ ସେଥିପାଇଁ ମୁରଲୀଧର ବାବୁଙ୍କ ପୁଅଝିଅ ଓ ବନ୍ଧୁବାନ୍ଧବମାନଙ୍କୁ ନେଇ ଏକପ୍ରକାର ଆଲୋଚନା ଚକ୍ରଟିଏ ଅନୁଷ୍ଠିତ ହୋଇଗଲା । ଯାହା ବି ହେଲେ ମୁରଲୀଧର ବାବୁଙ୍କର ସମାଜରେ ଗୋଟିଏ ପ୍ରତିଷ୍ଠା ବୋଲି ଅଛି ନା ନାହିଁ ? ପଚାଶ ଖଣ୍ଡ ମୌଜାରେ ତାଙ୍କୁ ସମସ୍ତେ ଜାଣନ୍ତି । ସରକାରୀ ବୃତ୍ତିରେ ସେ ଜଙ୍ଗଲ ବିଭାଗର ରେଞ୍ଜର ଥିଲେ । ଚାକିରୀରୁ ଅବସର ନେବା ପରେ ସେ ରାଜନୀତିରେ ଯୋଗଦେଇ ବ୍ଲକ ଚେୟାରମ୍ୟାନ ପଦବୀ ମଣ୍ଡନ କରିଥିଲେ । ତେଣୁ ତାଙ୍କର ଲୋକ ସମ୍ପର୍କକୁ ଦୃଷ୍ଟିରେ ରଖି ଶୁଦ୍ଧିକ୍ରିୟାଟା ସେହିପରି ଖୁବ ଆଡମ୍ବର ସହକାରେ କରିବାକୁ ପଡିବ ।

ବାରମ୍ବାର ଆଲୋଚନା, ପର୍ଯ୍ୟାଲୋଚନା, ସମାଲୋଚନା ପରେ ସର୍ବସମ୍ମତି କ୍ରମେ ସ୍ୱୀକାର କରାଗଲା ଯେ ଅତିକମରେ ପାଞ୍ଚ ହଜାର ଲୋକଙ୍କ ପାଇଁ ପ୍ରାୟ କୋଡିଏ ପ୍ରକାର ଖାଦ୍ୟପେୟ ପ୍ରସ୍ତୁତ କରାଯିବ । ଦୁଇ ହଜାର ଲୋକଙ୍କୁ ତୁଠ ନିମନ୍ତ୍ରଣ କରାଯିବ । ଏ କାର୍ଯ୍ୟକ୍ରମ ପାଇଁ ଗାଆଁ ଖେଳ ପଡ଼ିଆରେ ଦୁଇଟି ବିରାଟ ତମ୍ବୁ ମରାଯିବ । ଗୋଟିଏ ତମ୍ବୁତଳେ ଖାଦ୍ୟପେୟ ପରିବେଷଣ କରାଯିବ । ଅନ୍ୟ ତମ୍ବୁତଳେ ଅତିଥିମାନଙ୍କର ବସିବାର ବ୍ୟବସ୍ଥା କରାଯିବା ସହିତ ସ୍ମୃତିଚାରଣ ସଭା ଓ ଭଜନ ସମାରୋହ ଆୟୋଜନ କରାଯିବ । ଗାଆଁର ପ୍ରତ୍ୟେକ ପ୍ରବେଶ ପଥରେ ବିରାଟ ତୋରଣମାନ କରାଯାଇ ଏକାଦଶାହ କାର୍ଯ୍ୟକ୍ରମର ବ୍ୟାନର ଲଗାଯିବ । ଗାଆଁ କଲେଜ ସାମ୍ନା ପଡ଼ିଆରେ ଗାଡି ପାର୍କିଂର ବ୍ୟବସ୍ଥା କରାଯିବ । ଗାଆଁର ମଝିରେ ପ୍ରମୁଖ ସ୍ଥାନମାନଙ୍କରେ ଓ ଉତ୍ସବ ସ୍ଥାନରେ ମୁରଲୀଧର ବାବୁଙ୍କର ବଡ଼ବଡ଼ ଫୋଟୋ ଥିବା ହୋର୍ଡିଂ ଲଗାଯିବ । ପ୍ରାୟ ପାଞ୍ଚଶହରୁ ଉର୍ଦ୍ଧ୍ୱ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରାଯାଇ ଅଙ୍ଗବସ୍ତ୍ର , ଗୀତା ପୁସ୍ତକ , ଜଣଙ୍କ ପିଛା ଏକ ହଜାର ଟଙ୍କା ଦକ୍ଷିଣା ପ୍ରଦାନ କରାଯିବ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଭିଡ଼ିଓ ସୁଟିଂ କରାଯିବ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯିବ । କାରଣ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ , ଅନେକ ବିଧାୟକ , ସାଂସଦ , ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ , ସମସ୍ତ ସରପଞ୍ଚ , ସମିତି ସଭ୍ୟ , ଅଧିକାଂଶ ଜିଲ୍ଲା ପରିଷଦ ସଭ୍ୟ , ବ୍ଲକ ଚେୟାରମ୍ୟାନ , ଜିଲ୍ଲା ପରିଷଦ ଚେୟାରମ୍ୟାନ , ଜିଲ୍ଲାସ୍ତରୀୟ ସମସ୍ତ ପଦାଧିକାରୀ , ଥାନା ଅଫିସର ଓ କର୍ମଚାରୀ , ଅନେକ ଠିକାଦାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିବା ସହିତ ସ୍ମୃତି ସଭାରେ ନିଜନିଜର ଅଭିଭାଷଣ ରଖିବେ ଓ ଗଣମାଧ୍ୟମ ଆଗରେ ମୁରଲୀଧର ବାବୁଙ୍କ ଉପରେ ନିଜର ପ୍ରତିକ୍ରିୟା ଦେବେ । ଶୁଦ୍ଧିକ୍ରିୟା ସରିବା ପରେ ଯେଉଁଦିନ ପନ୍ଦର ଦିନ ହେବ ଆମର ଆତ୍ମାର ସଦଗତି କାମାନାର୍ଥେ ଏକ ବିରାଟ ବୈଷ୍ଣବ ମେଳା କରାଯାଇ ସେମାନଙ୍କୁ ପୁରୀ ଶ୍ରୀକ୍ଷେତ୍ରରୁ ମହାପ୍ରସାଦ ଓ ଅନ୍ୟାନ୍ୟ ଭୋଗ ସାମଗ୍ରୀ ଅଣାଯାଇ ଭୋଜନ ପାଇଁ ବ୍ୟବସ୍ଥା କରାଯିବ । ସାଧୁସନ୍ଥମାନଙ୍କୁ ଅଙ୍ଗବସ୍ତ୍ର , ଭଗବତ ଗୀତା ପୁସ୍ତକ ଓ ଜଣଙ୍କ ପିଛା ଏକ ହଜାର ଟଙ୍କା ଲେଖାଏଁ ଦକ୍ଷିଣା ଦିଆଯିବା ସହିତ ସେମାନଙ୍କ ଯିବାଆସିବା ବ୍ୟବସ୍ଥା କରାଯିବ । ସଂକୀର୍ତ୍ତନ ମଣ୍ଡଳୀମାନଙ୍କୁ ଯଥାମାନ୍ୟ ଉପହାର ଓ ଅର୍ଥରାଶି ପ୍ରଦାନ କରାଯିବ । ଏହାଛଡା ଦୁଇଶହ ପୃଷ୍ଠାର ଏକ ସ୍ମରଣିକା ପ୍ରକାଶ କରାଯାଇ ମୁରଲୀଧର ବାବୁଙ୍କ ବାବଦରେ ବିଭିନ୍ନ ବ୍ୟକ୍ତିଙ୍କ ଲେଖା ଓ ଫୋଟୋ ପ୍ରକାଶ କରାଯାଇ ଉତ୍ସବରେ ବଣ୍ଟନ କରାଯିବ ।

ପ୍ରକୃତରେ କିନ୍ତୁ ଏତେବଡ଼ ଆୟୋଜନ କରିବା ପଛରେ ମୁରଲୀଧର ବାବୁଙ୍କର ଶେଷ ଇଚ୍ଛା ଏହା ନ ଥିଲା କି ତାଙ୍କର ସମ୍ମାନ ରକ୍ଷା ପାଇଁ ଏସବୁ କାର୍ଯ୍ୟକ୍ରମ କରାଯିବାର ଲକ୍ଷ୍ୟ କରାଯାଇ ନ ଥିଲା । ପ୍ରକୃତ ଉଦ୍ଦେଶ୍ୟ ଥିଲା ସେମାନଙ୍କ ପରିବାର ନିଜର ବାହାଦୁରୀ ଦେଖାଇ ନିଜର ଆତ୍ମପ୍ରତିଷ୍ଠା ପ୍ରକାଶ କରିବାର ଏହି ଦୃଢ଼ ଅବକାଶକୁ ହାତଛଡା କରିବାକୁ ଚାହୁଁ ନଥିଲେ । କାରଣ ସେମାନଙ୍କର ସମାଜରେ ଏକ ସମ୍ମାନବୋଧ ଅଛି ନା ନାହିଁ ? ପୁଅ ଚାରିଜଣ ସରକାରୀ ଚାକିରୀରେ ଉଚ୍ଚପଦସ୍ଥ ଅଧିକାରୀ । ଝିଅ ଦୁଇଜଣ ସରକାରୀ କଲେଜରେ ଅଧାପିକା । ବନ୍ଧୁବାନ୍ଧବମାନେ ସମାଜରେ ବିଭିନ୍ନ କ୍ଷେତ୍ରରେ ଢ଼େର ପ୍ରତିଷ୍ଠିତ । ତେଣୁ ସମସ୍ତଙ୍କର ସମ୍ମାନ ଦୃଷ୍ଟିରୁ କାର୍ଯ୍ୟକ୍ରମଟା ଯଦି ସେପରି ଲୋକଦେଖାଣିଆ ନ ହୁଏ ତାହେଲେ ଲୋକମାନେ କହିବେ କ'ଣ ? ଅବଶ୍ୟ ଏଥିପାଇଁ ଟିକିଏ ହାତଖୋଲା ଖର୍ଚ୍ଚ କରିବାକୁ ପଡ଼ିବ । ତାଛଡା ଆଜିକାଲି ନିମନ୍ତ୍ରଣ ପତ୍ର ଯାହାକୁ ଦିଆଯାଉଛି କିଏ ଆଉ ମାଗଣାରେ ଖାଇବାକୁ ଆସୁଛନ୍ତି ଯେ ? ଯାହା ବି ହେଲେ କିଛି ଅର୍ଥ ଆଦାୟ ହୋଇଯିବ ନା ନାହିଁ ?

ସମାଜରେ ନିଜର ବଡ଼ିମା ଦେଖାଇବାକୁ ଯାଇ ମୁରଲୀଧର ବାବୁଙ୍କ ଶ୍ରାଦ୍ଧକ୍ରିୟା ମହାଆଡମ୍ବର ସହକାରେ ପାଳନ କରାଗଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଭିଆଇପି ସମୂହଙ୍କ ସହିତ ଫୋଟୋ ଉଠାଯାଇ ମୋବାଇଲ ଷ୍ଟାଟସ ଦେଇ ପୋଷ୍ଟ କରି ନିଜକୁ ଖୁବ ଗର୍ବିତ କରୁଥିଲେ ମୁରଲୀଧର ବାବୁଙ୍କ ପୁଅଝିଅମାନେ । ବୈଷ୍ଣବ ମେଳା ଦିନ ଏକ ବିରାଟ ଏଲସିଡି ଲଗାଯାଇ ଶ୍ରାଦ୍ଧ ଦିବସର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବୈଷ୍ଣବ ମେଳାରେ ସାଧୁସନ୍ଥମାନଙ୍କର ଆଶୀର୍ବାଦ ପାଇ ନିଜକୁ ଖୁବ ଧନ୍ୟ ମନେକରୁଥିଲେ ପୁଅଝିଅମାନେ । ଏହାପରେ ବନ୍ଧୁବାନ୍ଧବମାନଙ୍କ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପୁନଶ୍ଚ ଏକ ବୈଠକ କରାଯାଇ କାର୍ଯ୍ୟକ୍ରମର ସଫଳତା ଓ ବିଫଳତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା । ଏହାପରେ ଜନସାଧାରଣଙ୍କ ଠାରୁ ସେମାନଙ୍କ ମତାମତ କ'ଣ ସେ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଗଲା । ଏସବୁ କରିବାର ମୁଖ୍ୟ କାରଣ ଥିଲା ସେମାନଙ୍କର ମାଆ ଜୀବିତ ଥିବାରୁ ଭବିଷ୍ୟତରେ ମାଆଙ୍କର ମୃତ୍ୟୁ ପରେ ସେମାନଙ୍କୁ ପୁଣି ଏମିତି ଏକ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ପଡିବ ଯେ ?

ବନ୍ଧୁବାନ୍ଧବମାନେ ବିଦାୟ ନେଇଯିବା ପରେ ମୁରଲୀଧର ବାବୁଙ୍କ ପୁଅମାନେ ସାଇପଡ଼ିଶା , ଜ୍ଞାତିକୁଟୁମ୍ବ , ଗ୍ରାମବାସୀମାନଙ୍କ ଠାରୁ ଶ୍ରାଦ୍ଧ କାର୍ଯ୍ୟକ୍ରମ ବାବଦରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ଚେଷ୍ଟା ଜାରି ରଖିଲେ । ଲୋକମାନେ ସେମାନଙ୍କ ସାମ୍ନାରେ ସେମାନଙ୍କୁ ଖୁବ ପ୍ରଶଂସା କରି ପୋତି ପକାଉଥିଲେ । ଏମିତି ଏକ ଭବ୍ୟ କାର୍ଯ୍ୟକ୍ରମ ଏହି ଗାଆଁରେ ଅତୀତରେ କେହି କରିବେ ନାହିଁ କି ଭବିଷ୍ୟତରେ କେହି କରିବେ ନାହିଁ ବୋଲି ଲୋକମାନେ ମତ ଦେଉଥିଲେ । ଏକଥା ଶୁଣି ଗର୍ବରେ ଛାତି ଫୁଲାଉଥିଲେ ମୁରଲୀଧର ବାବୁଙ୍କ ପୁଅମାନେ ।

ସେଦିନ ଗାଆଁମୁଣ୍ଡ ବଜାରରେ ଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଖାଉ ମୁରଲୀଧର ବାବୁଙ୍କ ବଡ଼ପୁଅ ଖୁବ ଦମ୍ଭର ସହିତ ଏହି ଶ୍ରାଦ୍ଧ କର୍ମର ସଫଳତା ସମ୍ପର୍କରେ ଖୁବ ବାହାଦୁରୀ ଦେଖାଇ ଉଚ୍ଚସ୍ୱରରେ ଦୋକାନୀ ସହିତ ଗପୁଥିବା ବେଳେ ନିଜକୁ ଆଉ ଅୟତ୍ତରେ ରଖିପାରିଲେ ନାହିଁ ମୁରଲୀଧର ବାବୁଙ୍କ ପିଲାଦିନର ସାଙ୍ଗ ରାଧୁ ମଉସା । ରାଗ ଗରଗର ହୋଇ ମୁହଁ ଫଣଫଣ କରି ରୋକଠୋକ ଶୁଣାଇ ଦେଲେ ଚାରିପଦ । ଏକାଥରକେ ମୁରଲୀଧର ବାବୁଙ୍କ ବଡ଼ପୁଅର ଗର୍ବ , ଦମ୍ଭ , ଅହଂକାର ପାଣିଫୋଟକା ପରି ମିଳାଇ ଗଲା । ପାଟିରୁ ପଦୁଟିଏ ବି କଥା ବାହାରିଲା ନାହିଁ । ଲଜ୍ୟା ଓ ଅପମାନରେ ମୁହଁ ତଳକୁ କରି ଚୁପଚାପ ଫେରିଥିଲେ ମୁରଲୀଧର ବାବୁଙ୍କ ବଡ଼ପୁଅ । ଏତେଦିନେ ସେ ବୁଝିପାରିଥିଲେ ଯେଉଁ ଲୋକମାନେ ତାଙ୍କୁ ଉତ୍ସବର ସଫଳତା ବିଷୟରେ ଭୁରିଭୁରି ପ୍ରଶଂସା କରୁଥିଲେ ସେମାନେ ଯେ ତାଙ୍କୁ ପରୋକ୍ଷରେ ନିନ୍ଦା ଓ ସମାଲୋଚନାରେ ପୋତି ପକାଇ ଥିଲେ ସେ ନିଜର ପାଠପଢା ବୁଦ୍ଧିରେ ଏତିକି ବୁଝିପାରି ନ ଥିଲେ । ଆଜି କିନ୍ତୁ ତାଙ୍କର ଜ୍ଞାନୋଦୟ ହୋଇଥିଲା ଠିକ ନୂତନ ସମ୍ଭାବନାର ସୂର୍ଯୋଦୟ ପରି ।

ସେଦିନ ରାଧୁ ମଉସା ରୋକଠୋକ କହିଥିଲେ , ' ଲାଜ ନାହିଁ ତୁମ ପରି ଅଲାଜୁକଗୁଡାଙ୍କୁ । ହଇରେ କୁଳାଙ୍ଗାରମାନେ ! ବୁଢ଼ାଟା ତୁମ ପରି ଚାରିଟା ପୁଅ ଓ ଦୁଇଟା ଝିଅ ଜନ୍ମ କଲା । ପାଠଶାଠ ପଢ଼ାଇ ଉଚ୍ଚ ଶିକ୍ଷିତ କରାଇଲା । ତୁମ୍ଭମାନଙ୍କର ବାହାଘର କରାଇଲା । ଚାକିରୀରେ ବ୍ୟସ୍ତ ରହି ତୁମ୍ଭମାନଙ୍କ ପ୍ରତି କ'ଣ କୌଣସି କ୍ଷେତ୍ରରେ ଅବହେଳା କରିଥିଲା କିରେ ? ଚାକିରୀ ସରିବା ପରେ ବ୍ଲକ ଚେୟାରମ୍ୟାନ ହୋଇ ଗାଆଁ ମାଟିର ମୁହଁ ଉଜ୍ଜ୍ୱଳ କଲା । ଗାଆଁରେ ଶିବମନ୍ଦିର , କ୍ଲବ ଘର , ସ୍କୁଲ କରାଇଲା । ଅଥଚ ତୁମେମାନେ କଲ କ'ଣ ? ବାର୍ଦ୍ଧକ୍ୟ ଅବସ୍ଥାରେ ବୁଢ଼ାବୁଢ଼ୀ ଦୁଇଟାଙ୍କୁ ତୁମେମାନେ ନିଜ ପାଖରେ ରଖି ଆଶ୍ରାଟିକେ ଦେଇପାରିଲ ନାହିଁ । ଚାକିରୀର ଦାଇତ୍ୱ ଓ ପିଲାଛୁଆଙ୍କ ଜଞ୍ଜାଳ ଦେଖାଇ ନିଜନିଜର ଦୋଷ ଛଡାଇ ଦେଇ ସେମାନଙ୍କୁ ଜରାଶ୍ରମରେ ରଖାଇ ନିଜନିଜର ଦାଇତ୍ୱ ସାରିଦେଲ । ସେମାନେ ଯେ ସେଠାରେ କେତେ ମାନସ୍ତାପରେ ଦୁଃଖକଷ୍ଟରେ ଜୀବନ କଟାଇଥିବେ ସେକଥା ବି ତୁମେମାନେ ବୁଝିବାକୁ ଚିନ୍ତା କରିପାରିଲ ନାହିଁ ? କାଁ ଭାଁ କେତେବେଳେ କେମିତି ଟିକିଏ ଦେଖା କରିଦେଇ , ସେମାନଙ୍କ ହାତରେ କେଇଟା ଟଙ୍କା ଗୁଞ୍ଜିଦେଇ ତୁମେମାନେ ଯେଉଁ ପୁତ୍ରକନ୍ୟା ଧର୍ମ ପାଳନ କରିଦେଲ ଯୁଗଯୁଗକୁ ପିତୃମାତୃ ଭକ୍ତିର ଏକ ନୂଆ ଉଦାହରଣ ସୃଷ୍ଟି କରିଦେଲ । ଜରାଶ୍ରମରେ ପଡିପଡି ବୁଢାଟା ମରିଗଲା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶବଟାକୁ ପୋଡିଦେଇ ଗାଆଁକୁ ଆସି ଜ୍ଞାତିକୁଟୁମ୍ବଙ୍କୁ ଧରି ବିରାଟ ଆୟୋଜନ କରି ଶ୍ରାଦ୍ଧ କର୍ମ କରିଦେଇ ଲୋକଙ୍କ ମୁହଁରେ ପ୍ରଶଂସା ସାଉଁଟିବାକୁ ଚେଷ୍ଟା କରୁଛ ? ଭାବୁଛ ଏମିତି କରିଦେଲେ ତୁମ କୃତକର୍ମର ପ୍ରାୟଶ୍ଚିତ ହୋଇଯିବ ବୋଧେ ।ସମସ୍ତେ ନର୍କରେ ଘାଣ୍ଟିହେବରେ । ଅପେକ୍ଷା କର ତୁମ ବେଳକାଳ ବି ଦିନେ ଏମିତି ଆସିବ । ତୁମେ ବି ଏମିତି ଅସହାୟ ଅବସ୍ଥାରେ ମରିବ ରେ । ବୋପାର ପେନସନ ଟଙ୍କାରେ ବୁଢ଼ାବୁଢ଼ୀ ପ୍ରତିପୋଷଣ ହେଲେ । ଶୁଦ୍ଧିକ୍ରିୟାରେ ବି ତାଙ୍କରି ସଞ୍ଚିତ ଟଙ୍କା ଖର୍ଚ୍ଚ ହୋଇଥିବ । ଆଉ ତୁମେମାନେ ବାପାମାଆଙ୍କ ପ୍ରତି କ'ଣ କର୍ତ୍ତବ୍ୟ କଲ ? ଆଉ ଏବେ ନିଜନିଜ ଚାକିରୀ ଜାଗାକୁ ଫେରିଯିବା ପୂର୍ବରୁ ବୁଢୀଟାକୁ ନେଇ ସେହି ଜରାଶ୍ରମରେ ଛାଡ଼ିଦେଇ ଯିବ ବୋଧେ । ଶତଧିକ ତୁମ ପୁଅଝିଅ ପଣିଆକୁ । ବାହାଦୁରୀ ଦେଖାଇ ଫୁଟାଣି ମାରି ଆହୁରି ଗପୁଛୁ ଏଠିସେଠି । '

ରାଧୁ ମଉସାଙ୍କ ସିଧାସଳଖ ସମାଲୋଚନା କଥାଟା ଧୀରେଧୀରେ ଗାଆଁ ଭିତରେ ପ୍ରଘଟ ହେବା ପରେ ଅନ୍ୟାନ୍ୟ ଲୋକମାନେ ସାହସ ପାଇ ଏଥର ସିଧାସଳଖ ସମାଲୋଚନା କରିବା ଆରମ୍ଭ କରିଦେଇଥିଲେ । ଅପମାନରେ ଜର୍ଜରିତ ହୋଇ ମୁରଲୀଧର ବାବୁଙ୍କ ପୁଅମାନେ ଆଉ ବାହାରେ ମୁହଁ ଦେଖାଇବାର ସତସାହସ ନିଜ ଭିତରେ ଜୁଟାଇ ପାରି ନଥିଲେ । ସେମାନେ ଯେଉଁ ବାହାଦୁରୀ ଦେଖାଇବାର ନିଶାରେ ନିଜର ଆତ୍ମପ୍ରତିଷ୍ଠା ପ୍ରଚାର କରିବାକୁ ଚାହିଁଥିଲେ ଗାଆଁ ମାଟିର ଏହି ସରଳିଆ ଜୀବନଧାରୀ ମଣିଷ ଆଖିରେ ସେମାନଙ୍କ ଛନ୍ଦ କପଟ ଧରା ପଡିଯାଇଥିଲା । ସହରୀ ଜୀବନରେ ସିନା ନିଜର ଗୋପନୀୟତା ରଖିହେବ , ମାତ୍ର ଗ୍ରାମୀଣ ପରିବେଶରେ ଏ ଛଳନାପୂର୍ଣ୍ଣ ଆତ୍ମପ୍ରଚାର ମାନେ କିଛି ନ ଥିଲା । ବରଂ ବୁମେରାଂ ପରି ସେ ଅସ୍ତ୍ର ଫେରିଆସି ନିଜକୁ କ୍ଷତାକ୍ତ କରି ରକ୍ତାକ୍ତ କରିଦେଇ ଥିଲା ।

ତା ପରଦିନ ସକାଳୁ ସକାଳୁ ଉଠି ଗ୍ରାମବାସୀମାନେ ଦେଖିଥିଲେ ଯେ ମୁରଲୀଧର ବାବୁଙ୍କ ଘରର ଫାଟକ ବାହାରେ ଏକ ବିରାଟ ତାଲା ଝୁଲୁଥିଲା । ବୋଧହୁଏ ଜୀବନରେ ଆଉ ଗାଆଁକୁ ଫେରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସେମାନେ ରାତିରାତି ଗାଆଁ ଛାଡି ନିଜ ନିଜର କର୍ମକ୍ଷେତ୍ରକୁ ବାହୁଡ଼ି ଯାଇଥିଲେ । ଲୋକମାନେ ପରସ୍ପର ମଧ୍ୟରେ କୁହାକୁହି ହେଉଥିଲେ , ' ଜରା ନିବାସରେ ବୁଢୀଟା ଏଣିକି ବୁଢ଼ାଟାକୁ ଝୁରିଝୁରି ଆଉ କେତେଦିନ ବଞ୍ଚିବ ଯେ ???



+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :--- ୯୯୩୮୭୪୧୫୮୩

# ସ୍ୱାଭିମାନ

ସୁଦର୍ଶନ ମହାପାତ୍ର

ଯାହାଙ୍କୁ ଆମେ ମାଉସୀ ବୋଲି ଏଠି ଡାକୁଛୁ ସେ ପ୍ରକୃତରେ ଆମ ତଳଘରେ ଭଡାଟିଆ ଭାବେ ରହୁଛନ୍ତି । ବୟସ ପ୍ରାୟ ସତୁରୀ ପାର କରି ସାରିଛି । ଆମେ ତାଙ୍କରି ଠାରୁ ହିଁ ଶୁଣିଛୁ , ସ୍ୱାମୀଙ୍କର ଦୁର୍ଘଟଣାରେ ମୃତ୍ୟୁ ହେବା ବେଳକୁ ଦୁଇଟି ଝିଅ ଏବଂ ଗୋଟିଏ ପୁଅର ଦାୟିତ୍ୱ ପଡିଥିଲା ମାଉସୀଙ୍କ ଉପରେ । ସେତେବେଳେ ସେ ନା ଶ୍ୱଶୁର ଘର ନା ବାପଘର ଲୋକଙ୍କ ଉପରେ ବୋଝ ହେବାକୁ ପସନ୍ଦ କରିଥିଲେ । ସ୍ୱାମୀଙ୍କ ମୃତ୍ୟୁର ବର୍ଷଟିଏ ନ ପୁରୁଣୁ ଏକମାତ୍ର ପୁଅଟି ଅଜଣା ରୋଗରେ ଆରପାରିକୁ ଚାଲିଗଲା । ବିଧିର ବିଧାନକୁ ମାନିନେଇ ସବୁ ଦୁଃଖକୁ ପଛକରି ଜୀବନ ସଂଘର୍ଷରେ ନିଜକୁ ସାମିଲ କରିଥିଲେ ମାଉସୀ । କହିବା ବାହୁଲ୍ୟ ଏଠି ମାଉସୀ ତାଙ୍କ ସରଳ ଅମାୟିକ ବ୍ୟବହାରରେ ଆମ ହୃଦୟରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ।

ସ୍ୱାମୀ ଯେଉଁ ଠିକାଦାର ପାଖରେ ରାଜମିସ୍ତ୍ରୀ କାମ କରୁଥିଲେ , ସେଇ ଠିକାଦାର ପାଖରେ ଦିନ ମଜୁରିଆ ଭାବରେ କାମ ଆରମ୍ଭ କରିଥିଲେ ମାଉସୀ । ସଞ୍ଜକୁ କାମରୁ ଆସି ନିଜ ପିଲାଙ୍କ ସହ ଅନ୍ୟ ଛୋଟ ପିଲାମାନଙ୍କୁ ପଢାଇ କିଛି ପଇସା ରୋଜଗାର କରିବାକୁ ସକ୍ଷମ ହୋଇଥିଲେ । କୌଣସି ମତେ ଦୁଇଟି ଝିଅଙ୍କୁ ନେଇ ସଂସାରରେ ନିଜ ସ୍ୱାଭିମାନ ସହ ତିଷ୍ଠି ରହିଥିଲେ ମାଉସୀ । କିଛି ପଇସା ସଞ୍ଚୟ କରି ବଡ ଝିଅଟିର ବାହାଘର କାମ ବି ସାରିଲେ । ହେଲେ ନିୟତି ତାଙ୍କ ପାଇଁ ରଖିଥିଲା ଆହୁରି ଦୁଃଖ । ନାତିଟିଏ ଜନ୍ମ ହେବାର କିଛି ଦିନ ପରେ ଶୁଣିଲେ ଝିଅର ମୃତ୍ୟୁ ଖବର । କିନ୍ତୁ ସବୁଦିନ ପାଇଁ ରହସ୍ୟମୟ ରହିଗଲା ମୃତ୍ୟୁର କାରଣ । କୋର୍ଟରେ ଲଢ଼ିବାକୁ ତାଙ୍କର ତାକତ ନଥିଲା । ନାତିଟିକୁ ମାଉସୀ ନିଜ ପାଖକୁ ନେଇ ଆସିଲେ ତା'ର ଲାଳନ ପାଳନ ପାଇଁ ।

ତିରିଶ ବର୍ଷ ପର୍ଯ୍ୟନ୍ତ ମା'କୁ ଛାଡି ଯିବନି ବୋଲି ଅଡ଼ି ବସିଥିବା ସାନଝିଅକୁ କୌଣସି ମତେ ରାଜି କରେଇ ଏଇଠି ଆମ ଘରେ ରହି ବାହା ଦେଇଛନ୍ତି କେଇ ମାସ ଆଗରୁ । ସୁଧାର ପିଲାଟିଏ ଜୋଇଁ ରୂପେ ପାଇଛନ୍ତି ବୋଲି ମାଉସୀ ଖୁସି ବ୍ୟକ୍ତ କରନ୍ତି । ଏ ପରିଣତ ବୟସରେ ମାଉସୀ ଘର କାମକୁ ମୂଲିଆ ହୋଇ ଯାଉଛନ୍ତି ଶୁଣି ଦୁଃଖ ଲାଗେ । ନାତିର ପାଠ ପଢା ସରିବା ପର୍ଯ୍ୟନ୍ତ କାମ କରି ପାରୁଥାଏ ବୋଲି ଈଶ୍ୱରଙ୍କୁ ଯାଚନା କରନ୍ତି ମାଉସୀ । ତାଙ୍କର ଝିଅ ପାଖରେ ରହିବାର କଥା ଆମେ ଥରେ ମାତ୍ର ଯାହା କହିଥିଲୁ । 'ବଳ ହଟିଗଲେ ସିନା କାହାର ଆଶ୍ରା ଲୋଡିବି ' ହସି ହସି ସେଦିନ ଆମକୁ ଉତ୍ତର ଫେରେଇ ଥିଲେ ମାଉସୀ । ତାଙ୍କ ସ୍ୱାଭିମାନ ଆମକୁ ଆଶ୍ଚର୍ଯ୍ୟ କରି ଦେଇ ଥିଲା ସେଦିନ ।

ଆମ ପୁଅର ସାଇକେଲଟି ଅବ୍ୟବହୃତ ହୋଇ ପଡ଼ି ରହିଥିଲା କେତେ ଦିନ ହେବ । ତାଙ୍କ ନାତି ସ୍କୁଲ ଯିବାଆସିବା ପାଇଁ ସେଇ ସାଇକେଲଟି ବାଧ କରି ଦେଇଥିଲୁ । ରେସିଂ ସାଇକେଲର ଦାମ ନାତିଠାରୁ ବୁଝି 'କେତେ ପଇସା ଦେବି' ବୋଲି ଆସି ପଚାରିଥିଲେ ସେ । ଆମେ ଶ୍ରଦ୍ଧାରେ ତୁମ ନାତିକୁ ଦେଇଛୁ , ପଇସା କଥା କାହିଁକି କହୁଛନ୍ତି ବୋଲି କହି ତାଙ୍କୁ ବୁଝେଇବାକୁ ଚେଷ୍ଟା କଲୁ । ହେଲେ ସେବେଠାରୁ ପ୍ରତ୍ୟେକ ଦିନ ଘରର ଚାରିପାଖ ସଫା କରିବା, ଗୁରୁବାର,ସଂକ୍ରାନ୍ତି ଆଦି ଭଲ ଦିନ ମାନଙ୍କରେ ପିଣ୍ଡା ଇତ୍ୟାଦି ଧୁଆଧୋଇ କାମ ଆଉ ସେ ପତ୍ନୀ (ରୂପା)ଙ୍କୁ କରାଇ ଦିଅନ୍ତି ନାହିଁ ।

ସେ ଦୁଇଟି ରୁମ ପାଇଁ ମାସିକ ଦେଉଥିବା ଦୁଇ ହଜାର ଟଙ୍କା ପ୍ରତି ମାସ ଦଶ ତାରିଖ ଦିନ ଦେଇ ଯାଆନ୍ତି । ଦୀର୍ଘ ଚାରି ବର୍ଷ ମଧ୍ୟରେ କେବେ ସେ ଏଥିରେ ହେଳା କରି ନାହାନ୍ତି । କରୋନା ସମୟରେ ଯେତେ ମନାକଲେ ମଧ୍ୟ ସେ ଯଥାରୀତି ଘରଭଢା ଦେବାକୁ ଭୁଲନ୍ତି ନାହିଁ । ସେଇ ସମୟରେ ଫୁଲ ଏବଂ ମାଳ ଇତ୍ୟାଦି ଆମ ବଜାର ଛକରେ ବିକ୍ରି କରୁଥିବାର ମୁଁ ଜାଣେ । କାର୍ତ୍ତିକ ମାସରେ ଚଉଁରା ରଙ୍ଗ କରିବା, ନୂତନ ବସ୍ତ୍ର ପିନ୍ଧାଇବାଠାରୁ ଆରମ୍ଭ କରି ମୁରୁଜ ପକାଇବା କାମ ମଧ୍ୟ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ମାଉସୀ କରିଦିଅନ୍ତି । ଏସବୁ ବାବଦରେ ଆମେ ଠାକୁରଙ୍କ ପାଇଁ ଦେଉଛୁ କହି ରୂପା ତାଙ୍କୁ ଜାଣିଶୁଣି ଥରେ ଅଧିକା ଟଙ୍କା ଦେଇଥିଲେ । ହେଲେ ସମସ୍ତ ହିସାବ ସହ ବଳକା ଟଙ୍କା ଫେରାଇଦେଇ ଗଲେ ମାଉସୀ ।



ଏବେ ଅଳ୍ପଦିନ ତଳର ଗୋଟିଏ ଘଟଣା ଆଡକୁ ଆସିଲେ ଭଲ ହେବ ।

ପଡିଶା ବିଶ୍ୱାଳ ବାବୁଙ୍କ ପୁଅ ବାହାଘରକୁ ମଙ୍ଗଳପାଗ ଦିନ ସବୁ ସ୍ତ୍ରୀ ଲୋକଙ୍କ ସହିତ ମାଉସୀଙ୍କୁ ମଧ୍ୟ ସେମାନେ ଡାକିଥିଲେ । ତାଙ୍କ କଥା ରଖି ସେଦିନ କାମକୁ ନଯାଇ ମାଉସୀ ସେଠାକୁ ଯାଇଥିଲେ । ଅନ୍ୟ ସ୍ତ୍ରୀ ଲୋକମାନେ ମଙ୍ଗୁଳା ମଙ୍ଗୁଳିରେ ବ୍ୟସ୍ତ ଥିବାବେଳେ ମାଉସୀ ରୋଷେଇ କାମରେ ସାହାଯ୍ୟ କରୁଥିଲେ । ସେଦିନ ଅନ୍ୟ ମାନଙ୍କ ସହିତ ମାଉସୀ ମଧ୍ୟ ତାଙ୍କ ଘରେ ଖାଇକରି ଫେରିଥିଲେ ।

ବାହାଘରର ଦୁଇ ଦିନ ପରେ ଥିଲା ରିସେପସନ । ଭୋଜି ପର ଦିନ ବିଶ୍ୱାଳ ବାବୁଙ୍କୁ ଦେଖି 'ଆଃ.. ଖୁବ୍ ଭଲ ଭୋଜି ହୋଇଥିଲା' ବୋଲି ନିଜଆଡୁ କହିଲି ଖାସ୍ ତାଙ୍କୁ ଖୁସି କରିବା ପାଇଁ ।

-'ପ୍ଲେଟ ପିଛା ନଅଶହ ପଚାଶ ପଡିଲା ପରା !' ଉତଫୁଲ୍ଲ ହୋଇ କହିଲେ ସେ ।

-'ତୁମେ ଭୋଜିକୁ ତ ଯାଇ ନଥଲ ।' ଘର ସାମନା ରାସ୍ତାକୁ ପହଁରୁଥିବା ମାଉସୀଙ୍କ ଉଦ୍ଦେଶ୍ୟରେ କହିଲେ ବିଶ୍ୱାଳ ବାବୁ ।

-'ମୋତେ ତ କେହି କହି ନାହାନ୍ତି କିମ୍ବା ନିମନ୍ତ୍ରଣ କାର୍ଡ ଦେଇ ନାହାନ୍ତି, ବାବୁ । ଭୋଜି କୁ କେମିତି ଯାଇଥାନ୍ତି ।' ଏମିତି ସ୍ୱଷ୍ଟ କଥା ଶୁଣି ବିଶ୍ୱାଳ ବାବୁ ଯେମିତି ସ୍ଥାଣୁ ପାଲଟିଗଲେ ।

-' ତୁମେ ଆମ ନିଜ ଲୋକ । ଭୋଜିକୁ ଯାଇଥାନ୍ତ ନା !' କଥା ହାଲକା କରିବାକୁ କହିଲେ ବିଶ୍ୱାଳ ବାବୁ ।

-'ନା ବାବୁ, ମୁଁ ବିଧବା ଲୋକ । ମାଛ, ଆଇଁଷ ତ ଖାଏନା । ସେଇ ନାତି ଟୋକାଟା ଯାହା ଯାଇଥାନ୍ତା ।ଛାଡ ମ ବାବୁ । ମା' ମଙ୍ଗଳପାଗ ଦିନ ଡାକିଥିଲେ ପରା । ସେଦିନ ତ ଯାଇ ତୁମ ଘରେ ଖାଇ ଆସିଥିଲି ।' ହସି ହସି କହିଲେ ମାଉସୀ ।

ଘର ସାମ୍ନା ରାସ୍ତାରେ ପଡୁଥିବା ଅସନାକୁ ସବୁଦିନ ପରିଷ୍କାର କରୁଥିବା , ନିତି ମୂଲ ଲାଗିବାକୁ ଯାଉଥିବା ଲୋକଙ୍କୁ ଏତେ ଦାମୀ କାର୍ଡ ଦେଇ ନିମନ୍ତ୍ରଣ କରିନଥିବା ବିଶ୍ୱାଳ ବାବୁଙ୍କ ପତ୍ନୀ ଅଷ୍ଟମଙ୍ଗୁଳା ଦିନ ଆସି ମାଉସୀଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଗଲେ ଏବଂ ଶାଢ଼ୀ ଖଣ୍ଡେ ଦେଇଗଲେ ଜୋର କରି । ହେଲେ ମାଉସୀ କାମକୁ ବାହାରିଗଲେ ଯେ ଫେରୁ ଫେରୁ ରାତି । ପରଦିନ ସଞ୍ଜକୁ ଆମ ଘରକୁ ଆସି ରୂପାଙ୍କୁ ଡାକି ବିଶ୍ୱାଳ ବାବୁଙ୍କ ବୋହୂକୁ ଦେଖିବାକୁ ଗଲେ ମାଉସୀ ।

-' ମା ତୋତେ ନୂଆ ଦେଖୁଛି । ଏ ଗରିବ ମାଉସୀ ତୋତେ କଲ୍ୟାଣ କରୁଛି ।' ଏତିକି କହିଲା ଭିତରେ ନୂଆବୋହୂ ହାତରେ ପାଞ୍ଚ ଶହ ଟଙ୍କାର ନୋଟଟିଏ ଗୁଞ୍ଜିଦେଲେ ମାଉସୀ । ଏ ଘଟଣାରେ ବିଶ୍ୱାସ ବାବୁଙ୍କ ପତ୍ନୀଙ୍କ ମୁହଁ ଶୁଖିଗଲା ବୋଲି ରୂପାଙ୍କୁ ମନହେଲା ବୋଲି ଘରେ ଆସି କହିଲେ ।

ଶାଢୀଟିର ବିନିମୟରେ ମାଉସୀ ତାଙ୍କର ଆଜି ଦିନର ମଜୁରୀକୁ ମଧ୍ୟ ନିଜ ସ୍ୱାଭିମାନ ପାଇଁ ତୁଚ୍ଛ କରିବାକୁ ପଛେଇ ନାହାନ୍ତି ବୋଲି ମୋର କାହିଁକି ମନେହେଲା... !

+ କୁଞ୍ଜବିହାରୀ ଲେନ, କଟକ
୯୪୩୮୧୭୫୫୪୨

# ୩ ରଥ ପାଇଁ ଦୀର୍ଘ ୨୨ ବର୍ଷ ଧରି ସୋଲଫୁଲ ତିଆରି କରୁଛନ୍ତି ରାଜ କିଶୋରଙ୍କ ପରିବାର

ଖୋର୍ଦ୍ଧା, ୨୧/୦୫ (ନି.ପ୍ର): ଆଉ ଏକ ମାସ ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ସେଥିପାଇଁ ତ ରଥ ଠାରୁ ଆରମ୍ଭ କରି ପଥ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ସେବାୟତ। କାରଣ ବର୍ଷକ ପରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ବିଜେ କରିବେ ବଡ଼ ଠାକୁର । ତେବେ ଏନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ସେପଟେ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମଧ ଘନଘନ ବୈଠକ କରି ରଥଯାତ୍ରା ନେଇ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ତେବେ ଘୋଷଯାତ୍ରା ଅବସରରେ ତିନି ରଥକୁ ଅଧିକ ସୁନ୍ଦର କରିବା ପାଇଁ ବିଗତ ୨୨ ବର୍ଷ ଧରି ସୋଲଫୁଲ ଯୋଗାଇ ଆସୁଥିବା ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇ ସାହିର ରାଜ କିଶୋରଙ୍କ ପରିବାର ଚଳିତ ବର୍ଷ ମଧ ସୋଲଫୁଲ ଯୋଗାଇବା ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ପରିବାରର ସମସ୍ତ ସଦସ୍ୟ ଲାଗି ପଡିଛନ୍ତି ସୋଲ ଫୁଲ ତିଆରିରେ । ଦାସିଆ ବାଉରୀ ଠାରୁ ନଡିଆ ଗ୍ରହଣ କରିଥିବା ଏହି ଭୋଇ ପରିବାର ଠାରୁ ସୋଲଫୁଲ ଗ୍ରହଣ କରି ପ୍ରଭୁ ଜଗନ୍ନାଥ ଜାତିପ୍ରଥା ଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ପ୍ରମାଣିତ କରିଛନ୍ତି । ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇ ସାହିର ରାଜ କିଶୋର ଓ ବୀର କିଶୋରଙ୍କ ପରିବାର ଏବେ ଲାଗି ପଡ଼ିଛନ୍ତି ଭଳିକି ଭଳି ସେବତୀ, କଦମ୍ବ ଓ ସୂର୍ଯ୍ୟମୁଖୀ ଫୁଲ ତିଆରି କରିବାରେ । ମନରେ ଉତ୍କଣ୍ଠା ଓ ଭକ୍ତି ନେଇ ପରିବାରର ସମସ୍ତ ସଦସ୍ୟ ଏହି କାମ କରିଥାଆନ୍ତି । ଆଉ ଅପେକ୍ଷା ଥାଏ କେତେବେଳେ ଆସିବ ନେତ୍ରୋତ୍ସବ ଆଉ ସେମାନଙ୍କ ହାତ ତିଆରି ସୋଲଫୁଲ ଲାଗି ହେବ ମହାପ୍ରଭୁଙ୍କ ରଥରେ । ୨୦୦୧ ମସିହାରେ ହାତ ତିଆରି ସୋଲଫୁଲ ରଥରେ ଲାଗି କରିବା ନେଇ ମନ୍ଦିର ପ୍ରଶାସନର ଅନୁମତି ଲୋଡିଥିଲା ଏହି ପରିବାର । ମନ୍ଦିର ପ୍ରଶାସନର ଅନୁମତି ମିଳିବା ପରଠାରୁ ପ୍ରତିବର୍ଷ ତିନି ରଥ ପାଇଁ ନିରବଚ୍ଛିନ୍ନ ସୋଲ ଫୁଲ ଯୋଗାଇ ଆସୁଛନ୍ତି ଏହି ପରିବାର । ଅକ୍ଷୟତୃତୀୟା ଠାରୁ ପରିବାରର ପିଲାଠୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସଭିଏଁ ନିଷ୍ଠା ଓ ଭକ୍ତିର ସହ ଫୁଲ ତିଆରିରେ ଲାଗିପଡିଥାନ୍ତି । ଫୁଲ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା ସୋଲକୁ ପୁରୀ, ନିମାପଡ଼ା, କାକଟପୁର, ବାଙ୍କୀ, ପିପିଲି, ଗୋପ ଓ କଣାସ ଆଦି ଅଂଚଳରୁ ସଂଗ୍ରହ କରିଥାନ୍ତି । ସେଗୁଡ଼ିକ ଶୁଖାଇ ଆବଶ୍ୟକ ଅନୁସାରେ କାଟି ସେଥିରୁ ଜୀବନ୍ତ ଭାବେ ଫୁଟାଇଥାନ୍ତି ସୁନ୍ଦର ସୁନ୍ଦର ସେବତୀ, କଦମ୍ବ ଓ ସୂର୍ଯ୍ୟମୁଖୀ ଫୁଲ । ପରିବାରର ସଦସ୍ୟମାନେ ନୂଆ ଲୁଗା ପିନ୍ଧି ଅତି ପବିତ୍ର ଓ ନିଷ୍ଠାର ସହ ଏହି କାମ କରିଥାନ୍ତି । କୌଣସି ରାସାୟନିକ ରଙ୍ଗ ବିନା କେବଳ ଚୁମୁକି ଓ ମୀନା ବ୍ୟବହାର କରି ଏହି ଫୁଲ ଗୁଡିକୁ ଅଧିକ ଆକର୍ଷଣୀୟ କରିଥାନ୍ତି ଏହି କାରିଗର । ଆଉ ଏହି ପରିବାରକୁ କାର୍ଯ୍ୟରେ ସହଯୋଗ କରିଥାନ୍ତି ପାଖ ପଡ଼ୋଶୀ । ସେମାନେ ମଧ ଏହି ପରିବାର ମାଧମରେ ଜଗନ୍ନାଥ ସେବା କରିବାର ସୁଯୋଗ ପାଉଥିବାରୁ ବେଶ ଖୁସି ଥିବା କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଜଗତର ନାଥ ଜଗନ୍ନାଥଙ୍କ ସେବାର ସୁଯୋଗ ସମସ୍ତଙ୍କୁ ମିଳିନଥାଏ । ତେବେ ଗୁରୁଜଙ୍ଗର ଏହି ଭୋଇ ପରିବାର ବିନା ପାରିଶ୍ରମିକରେ ମହାପ୍ରଭୁଙ୍କୁ ସେବା କରିବାର ସୁଯୋଗ ପାଇ ବେଶ ଆନନ୍ଦିତ ଥିବା କହିଛନ୍ତି । ରଥଯାତ୍ରା ଦିନ ପୁରୀ ଯାଇ ମନ୍ଦିର ପ୍ରଶାସନର ଅନୁମତି କ୍ରମେ ନିଜେ ପ୍ରସ୍ତୁତ କରିଥିବା ସୋଲ ଫୁଲକୁ ତିନି ରଥରେ ଲାଗି କରିବା ଆଶାରେ ଦିନ କାଟୁଛି ପୂରା ପରିବାର ।

# ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମାଲକାନଗିରି ଜିଲ୍ଲାର ୨ ଶିକ୍ଷକ

ମାଲକାନଗିରି, ୨୧/୦୫ (ନି.ପ୍ର): ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରୁ ୨ ଜଣ ଶିକ୍ଷକ ପାଇଛନ୍ତି ଓଇଏସ୍। ସେ ଦୁଇ ଜଣ ହେଲେ ମାଲକାନଗିରି ବ୍ଲକ ଏମଭି- ୭ ଗ୍ରାମର ସୁମିତ ବିଶ୍ୱାସ ଓ ପଡିଆ ବ୍ଲକ ନିଲିଗୁଡା ପଂଚାୟତ ଉସକାଲବାଗ ଗ୍ରାମର ଆଦିବାସୀ ଯୁବକ ସୁକାନ୍ତ କାର୍ତାମି। ସେମାନଙ୍କର ଏହି ଅଭୂତପୂର୍ବ ସଫଳତା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି। ମାଲକାନଗିରି ଜିଲ୍ଲା ତମସା ପଂଚାୟତ ଏମଭି - ୭ ଗ୍ରାମର ସ୍ୱର୍ଗତ ରେବତୀ ବିଶ୍ୱାସ ଓ ମାତା ମଞ୍ଜୁ ବିଶ୍ୱାସଙ୍କ ସୁପୁତ୍ର ହେଉଛନ୍ତି ସୁମିତ ବିଶ୍ୱାସ। ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ସୁମିତ ୧୦୧ ରାଙ୍କ ରଖି ସଫଳତାର ସହିତ ଓଇଏସ ପାଇଛନ୍ତି। ସେ ବର୍ତମାନ ପୋଟେରୁ ପୁଲିମେଟଲା ଏମପିଭି -୬ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ମାମୁଁ ସାଧନ ସରକାରଙ୍କ ଘରେ ରହି ପାଠ ପଢିଥିଲେ। ତାଙ୍କ ସଫଳତା ପଛରେ ମାମୁଁ ସାଧନ, ମାଇଁ ରିନା ସରକାର ଓ ପତ୍ନୀ ସଂଗୀତା ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଛି । ଏହା ବ୍ୟତୀତ ବିଦ୍ୟାଳୟର ଶିକ୍ଷକ ସାଙ୍ଗ ସାଥିଙ୍କ ପ୍ରେରଣା ଯୋଗୁ ସେ ଓଇଏସ ପାଇ ପାରିଛନ୍ତି ବୋଲି ସୁମିତ କହିଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକସ୍ଥ ନିଲିଗୁଡା ପଂଚାୟତ ଦୁର୍ଗମ ଅପହଂଚ ମାଓ ପ୍ରବଣ ଉସକାଲବାଗ ଗ୍ରାମର କୋୟା ଆଦିବାସୀ ସମ୍ପ୍ରଦାୟର ଆଇତା କାର୍ତାମିଙ୍କ ସୁପୁତ୍ର ସୁକାନ୍ତ କାର୍ତାମି । ସେ ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ୧୩୬ ରାଙ୍କ ରଖି ସଫଳତାର ସହିତ ଓଇଏସ ପାଇଛନ୍ତି।

# କଳା ସଂସ୍କୃତିକୁ ଉଜ୍ଜୀବିତ କରି ମହୋତ୍ସବ ଭୀମ ପାହାଡକୁ ପରିଚୟ ଦେଇଛି

ବଲାଙ୍ଗୀର, ୨୧/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକର ମକୁନ୍ଦପୁର ପଂଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳିଠାରେ ଚାଲିଥିବା ୯ମ ଭୀମପାହାଡ ମହୋତ୍ସବର ତୃତୀୟ ସଂଧ୍ୟାରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଭୀମପାହାଡ ମହୋତ୍ସବ ଏହି ଅଂଚଳର କଳା,ସଂସ୍କୃତୀକୁ ଉଜ୍ଜିବିତ କରିବା ସହିତ ଭୀମଡୁଙ୍ଗୁରୀକୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ମହୋତ୍ସବ କମିଟିର ଅଧକ୍ଷ ଲକ୍ଷ୍ମଣକୁମାର ମେହେରଙ୍କ ଆବାହକତ୍ୱ ଓ ସଂଦୀପକୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ସଂସ୍କୃତିଗବେଷକ ଗୁରୁଶ୍ରୀ ଡ.ଘାସିରାମ ମିଶ୍ର,ସମ୍ମାନୀତ ଅତିଥି ଭାବରେ ଆଂଚଳିକ ପ୍ରଦୂଷଣ ଅଧିକାରୀ ବବିତା ସିଂ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବ କମିଟିର ସଭାପତି ପ୍ରମୋଦ ବହିଦାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଶୈଳେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସଂପାଦକ ଗୋବର୍ଦ୍ଧନ ସାହୁ, କୋଷାଧକ୍ଷ ଅଭିମନ୍ୟୁ ମାଝି ମଧ ଉପସ୍ଥିତ ରହିଥିଲେ । ବିଶିଷ୍ଟ କଳାକାର ରବିନ୍ଦ୍ର ସାହୁ ଓ ସାଥିଙ୍କ ଦ୍ୱାରା ରାବଣଦରବାର ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସଂଯୋଜକ ବାସୁଦେବ ସାଙ୍କ ପରିଚାଳନାରେ ସମ୍ବଲପୁର ରାଜବସାର ରାଜାରାଣୀ ଆଦିବାସୀ ନୃତ୍ୟ, ସଇଁତଳା କୁମ୍ଭାରୀର ଡକାନୃତ୍ୟ, ବଲାଙ୍ଗୀରର କୋସଳଫୋକ ଏକାଡେମୀ କଳାକାରଙ୍କ ଦ୍ୱାରା ପାରଂମ୍ପରୀକ ନୃତ୍ୟ ପରିବେଶିତ ହୋଇ ଦର୍ଶକଙ୍କ ମନମୋହିଥିଲା।

# ଭୋଟର କାର୍ଡ ସମ୍ବନ୍ଧୀୟ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା, ୨୧/୦୫ (ନି.ପ୍ର): ଜିଲ୍ଲାରେ ଭୋଟର କାର୍ଡ ସଂଶୋଧନ ପାଇଁ ଜିପିଇଓ ଏବଂ ଟେକନିକାଲ ଷ୍ଟାଫଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଉପ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଭୋଟର କାର୍ଡ ସଂଶୋଧନ, ନୂତନ ଭୋଟର କାର୍ଡ ପାଇଁ ଆବେଦନ କରିବା, ନାମକୁ ବାଦ ଦେବା,ସଂଶୋଧନ କରିବା ପ୍ରଭୃତି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା । ଆୟୋଜିତ ଏହି ଶିବିରରେ ଜିଲ୍ଲାର ସମସ୍ତ ଜିପିଇଓ ଏବଂ ଟେକନିକାଲ ଷ୍ଟାଫଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏହି କର୍ମଶାଳାରେ ନିର୍ବାଚନ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ଅନ୍ୟନ୍ୟା ତ୍ରିପାଠୀଙ୍କ ସମେତ ଦିବ୍ୟ ରଞ୍ଜନ ବେହେରା, ଆଶିଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ୨୦ଟି ଜାଗାରେ ଶିକ୍ଷକଙ୍କ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ର, କନ୍ଧମାଳରେ ୧୮

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଇଓଙ୍କୁ ନିର୍ଦ୍ଦେଶ

କନ୍ଧମାଳ, ୨୧/୦୫ (ନି.ପ୍ର): ସମଗ୍ର ରାଜ୍ୟରେ ଜାଲ ସାର୍ଟଫିକେଟ ତଦନ୍ତର ତନାଘନା ଚାଲିଥିବା ବେଳେ ରାଜ୍ୟ ଏଲିମେଂଟାରୀ ଏଜୁକେସନ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ, ରାଜ୍ୟର ୨୦ ଟି ଜିଲ୍ଲାରେ କାର୍ଯ୍ୟରତ ଥିବା ୧୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ବିଭିନ୍ନ ପ୍ରମାଣପତ୍ର ଜାଲ ଥିବା ନେଇ, ଗତ ୨୦୧୮ ମସିହାରେ ସଞ୍ଜୟ କୁମାର ମହାରଣାଙ୍କ ଦ୍ୱାରା ଦିଆଯାଇଥିବା ଏକ ଅଭିଯୋଗ (୧୮୭୫୨/୨୦୧୮)କୁ ଭିତି କରି ତଦନ୍ତ କରାଯାଇ ଚାକିରି କରିବା ସମୟରେ ୧୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ଗୁଡିକର ଶିକ୍ଷା ଅନୁଷ୍ଠାନ ଗୁଡିକୁ ପଚାରିବାରେ, ସେହି ପ୍ରମାଣପତ୍ର ସବୁ ଜାଲ ବୋଲି ଜଣାପଡିଛି। ତେବେ ଏତେ ଦିନ ଧରି ଏହି ବାବଦରେ ବ୍ଲକ୍ ଶିକ୍ଷାଧିକାରୀ ମାନଙ୍କ ସ୍ତରରେ କାହିଁକି ଅଭିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି କାରଣ ଦର୍ଶାଅ ନୋଟିସ୍ ସମେତ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଇଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ଏଲିମେଂଟାରୀ ଏଜୁକେସନ ନିର୍ଦ୍ଦେଶକ। ଗତ ୧୮ ତାରିଖରେ ଏକ ନିର୍ଦ୍ଦେଶନାମା ଚିଠି ନମ୍ବର (୧୧୮୭୬) ଅନୁସାରେ ରାଜ୍ୟର ୨୦ଟି ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୧୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏଥିରେ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀର ତମାଳ ବେହେରା ଥିବାବେଳେ ଜିଲ୍ଲାର ଚକାପାଦ ବ୍ଲକରେ ରଞ୍ଜିତ ପ୍ରଧାନ, ତୁମୁଡିବନ୍ଧର ଉପେନ୍ଦ୍ର ପ୍ରଧାନୀ, ଅରୁଣ କୁମାର ବଳିଆରସିଂ, ନର୍ମଦା ଦିଗାଲ, ରାଜକିଶୋର ପାଟମାଝୀ, ଶ୍ୟାମସୁନ୍ଦର ମୁଠାମାଝୀ, ଜଗଦୀଶ କୁମାର ନାୟକ ଓ ବିରେନ୍ଦ୍ର କୁମାର ମାଝୀଙ୍କ ନାମ ରହିଥିବା ବେଳେ ଜିଲ୍ଲାର ଟିକାବାଲି ବ୍ଲକ ଅଂଚଳରେ ସୁକାନ୍ତ କୁମାର ପ୍ରଧାନ, ବିଶ୍ୱମ୍ବର ପ୍ରଧାନ, ମଦନମୋହନ ପ୍ରଧାନ, ନରେଶ କହଁର, ଅଜିତ କୁମାର ପ୍ରଧାନ, ବେଣୁଧର ପ୍ରଧାନ, ସୌଭାଗ୍ୟ ମହାନ୍ତି ଓ ମିନତୀ ଦେବୀଙ୍କ ସମେତ ମୋଟ ୧୮ ଜଣଙ୍କ ନାମ ରହିଛି। ଏମାନଙ୍କ ସମେତ ରାଜ୍ୟର ଗଞ୍ଜାମ, ରାୟଗଡ଼ା, ବଲାଙ୍ଗିର, ପୁରୀ, କୋରାପୁଟ, ଝାରସୁଗୁଡ଼ା, ନୂଆପଡା, ବୌଦ୍ଧ, ବାଣପୁର, ଆଠମଲ୍ଲିକ, ଛେଣ୍ଡିପଦା, ଅନୁଗୋଳ, ତରଭା, ବାରକୋଟ, ବଡ୍ଡା, ବାଲିଆପାଳ, ବାଙ୍କୀ, ତିଗିରିଆ ସମେତ ଅନ୍ୟ ଅଂଚଳ ସମେତ ମୋଟ ୨୦ ଟି ଅଂଚଳର ୧୧୦ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ନାମର ତାଲିକା ସଂଲଗ୍ନ କରାଯାଇଛି।

# ସାହାଣି କପ୍‌ର ଉପ ବିଜେତା କନ୍ଧମାଳ ଫୁଟବଲ୍ ଦଳକୁ ଭବ୍ୟ ସମ୍ବର୍ଦ୍ଧନା

କନ୍ଧମାଳ, ୨୧/୦୫ (ନି.ପ୍ର): ଫୁଲବାଣୀ ସ୍ଥିତ କରୋନେସନ ଖେଳ ପଡିଆ ଠାରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପୁରୁଷ ଫୁଟବଲ ଦଳକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ କଟକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହାଣି କପ୍ ଫୁଟବଲ୍ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ଦଳ ଉପ ବିଜେତା ହୋଇଥିବାରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

ଅନ୍ୟ ମାନଙ୍କ ମଧରେ କନ୍ଧମାଳର ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ୍, ଓଡିଶା ଅଲମ୍ପିକ ଆସୋସିଏସନ୍ ର ଉପସଭାପତି କମଳାକାନ୍ତ ପାଣ୍ଡେ, ଓଡିଶା ଫୁଟବଲ ଆସୋସିଏସନର ଉପସଭାପତି ହୃଦୟ ରଞ୍ଜନ ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଫୁଲବାଣୀ ବାର ଆସୋସିଏସନର ସଭାପତି ଭଗବାନ ମହାନ୍ତି, ବଣିକ ସଂଘ ସଭାପତି ଅଶୋକ କୁମାର ପଟ୍ଟନାୟକ, ଆଇନଜିବୀ ବିଜୟ କୃଷ୍ଣ ପଟ୍ଟନାୟକ ପ୍ରମୁଖ ମଂଚାସୀନ ହୋଇଥିଲେ। ଏହି ସଭାରେ ଜିଲ୍ଲା କ୍ରୀଡା ସଂଘର ସମସ୍ତ କର୍ମକର୍ତା ଓ ସଭ୍ୟଙ୍କ ସହ ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଯଥା ଜେଡି କ୍ଲବ, ଭାରୋତୋଳନ ସଂଘ, କୁଇ ସମାଜ, ଖଜୁରୀପଡ଼ା ପୂର୍ବତନ ବ୍ଲକ ଅଧକ୍ଷ ବିରେନ୍ଦ୍ର କହଁର ପ୍ରଭୃତିଙ୍କ ପକ୍ଷରୁ ଖେଳାଳି ମାନଙ୍କୁ ଉପଢୌକନ ପ୍ରଦାନ କରଯାଇଥିଲା। ପୂର୍ବରୁ ଖେଳାଳି ମାନଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଏହି ସଭାସ୍ଥଳକୁ ଅଣାଯାଇଥିଲା। ସଭା ଶେଷ ହେବା ପରେ ଖେଳାଳିମାନଙ୍କୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ସେଠାରେ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳାଳି ମାନେ ସେଠାରେ ପ୍ରସାଦ ସେବନ କରିଥିଲେ।

# କ୍ରସର କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ: ଘଟଣାକୁ ଚପାଇ ଦେବାକୁ ଉଦ୍ୟମ

ଧର୍ମଶାଳା, ୨୧/୦୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ସବୁ ବେଳେ ଚର୍ଚ୍ଚାରେ ରହି ଆସୁଛି । ଗତକାଲି ବିଳମ୍ବିତ ରାତିରେ ଏକ ଅଭବାନୀୟ ଘଟଣାକୁ ନେଇ ଏବେ ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ବିଦ୍ୟୁତ ଆଘାତରେ ଜଣେ ଯୁବକର ମୃତ୍ୟୁ ଘଟିଥିଲା । ତାକୁ ବଜ୍ରାଘାତରେ ମୃତ୍ୟୁ ଘଟିଥିବା ରୂପରେଖ ଦିଆଯାଉଛି । ତେବେ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । କ୍ରସର କ୍ରର୍ମଚାରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟଣାକୁ ଚପାଇ ଦେବାକୁ ବିଭିନ୍ନ ମହଲରୁ ଉଦ୍ୟମ ଚାଲିଛି । ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ମହିଶରା ପଂଚାୟତ ଡଙ୍କାରୀ ପାହାଡ ନିକଟରେ ଥିବା ବୈଦ୍ୟନାଥ ଷ୍ଟୋନ କ୍ରସରେ ଏଭଳି ଘଟଣା ଘଟିଛି।

କ୍ରସରରେ କାର୍ଯ୍ୟ କରୁଥିବା କମାଗଡ ପଂଚାୟତ ଗେଙ୍ଗୁଟିଆ ଗ୍ରାମର ସ୍ୱର୍ଗତ କନ୍ଦ ବଳଙ୍କ ପୁଅ ଧରୁଆ (୨୪)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା । କ୍ରସରରେ ଅନ୍ୟ କର୍ମଚାରୀ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଘଡଘଡିରେ ତାଙ୍କର ମୃତ୍ୟୁ ହୋଇଯାଇଥିବା କହି ମୃତଦେହକୁ ଛାଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ତେବେ କ୍ରସର ମାଲିକ ଏହି ଘଟଣାକୁ ବଜ୍ରାଘାତରେ ମୃତ୍ୟୁ ହୋଇଥିବା ରୂପରେଖ ଦେବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହୋଇଛି । ମୃତ୍ୟୁ ପରେ ପରିବାର ଲୋକଙ୍କୁ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ନେଇ ସୂଚନା ଦିଆଯାଇଥିଲା । ପରେ ବଜ୍ରାଘାତରେ ମୃତ୍ୟୁ ହୋଇଥିବା ରୂପ ଦେବାକୁ ଉଦ୍ୟମ କାହିଁକି କରାଗଲା ସେନେଇ ପରିବାର ଲୋକେ ଓ ପଡୋଶୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି । ପୋଲିସ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି । ସୂଚନା ଥାଉକି, ପୂର୍ବରୁ କନ୍ଦଙ୍କର ମୃତ୍ୟୁ ଘଟିଥିଲା । ୨ ବର୍ଷ ପରେ ତାଙ୍କ ବଡଭାଇଙ୍କର ମୃତ୍ୟୁ ଘଟିଥିଲା । ଧରୁଆ ଉପରେ ପରିବାର ବୋଝ ପଡିଥିଲା । ଧରୁଆ ପରିବାରର ଏକମାତ୍ର ରୋଜଗାରିଆ ଭାବେ ପରିବାର ପ୍ରତିପୋଷଣ କରୁଥିଲା । ତାଙ୍କର ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତେବେ ଏଭଳି ପରିସ୍ଥିତିରେ ତାଙ୍କର ସନ୍ଦେହଜନକ ମୃତ୍ୟୁକୁ ନେଇ ଘଟଣାକୁ ଚପାଇ ଦେବାକୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । କ୍ରସର ମାଲିକ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ବିଭିନ୍ନ ମହଲରୁ ଚାପ ପ୍ରୟୋଗ କରି ଏହି ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ଏଭଳି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ପରିବାର ଲୋକେ ଦାବି କରିଛନ୍ତି ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ଚମ୍ପୁଆ, ୨୧/୦୫ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ସରେଇ-ଟୁଣଟୁଣା ଜଙ୍ଗଲ ରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ଯୁବକ ଜଣଙ୍କ ହେଲେ କାଳିକାପ୍ରସାଦ ପଂଚାୟତ କୃଷ୍ଣପୁର ଗ୍ରାମର କ୍ଷୀରୋଦ ମହାନ୍ତଙ୍କ ମିଳିଥିବା ସୂଚନା ଅନୁସାରେ ଚମ୍ପୁଆ ରେଞ୍ଜରେ ଗତ ଏକ ସପ୍ତାହ ଧରି ଡେରା ପକାଇଥିବା ୨୪ ଟିକିଆ ହାତୀ ଦଳରୁ ଅଲଗା ହୋଇ ମୟୂରଭଞ୍ଜ କେଶରିକୁଣ୍ଡ ରବର ପ୍ଲାଂଟରେ ଡେରା ପକାଇଥିବା ୧୭ ଟିକିଆ ହାତୀ ପଲ ଆଜି ବୈତରଣୀ ନଦୀ ପାର ହୋଇ ସରେଇ - ଟୁଣଟୁଣା ସୀମାରେ ଥିବା ଶାଳ ଜଙ୍ଗଲରେ ଦିନ ବେଳେ ଡେରା ପକାଇଥିଲେ। ତେବେ ଆଜି ଅପରାହ୍ନ ପ୍ରାୟ ୫.୩୦ ମିନିଟ୍ ସମୟରେ ହାତୀ ଦେଖିବାକୁ ଯାଇଥିବା କୃଷ୍ଣପୁର ଗ୍ରାମର କ୍ଷୀରୋଦ ମହାନ୍ତ ଜଙ୍ଗଲ ଭିତରକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ କ୍ଷୀରୋଦଙ୍କୁ ଶୁଣ୍ଢରେ ଉଠାଇ ଫୋପାଡି ଦେଇଥିଲା। ଘଟଣା ସ୍ଥଳରେ ଥିବା ବନ ବିଭାଗ କର୍ମଚାରୀମାନେ ଆହତ କ୍ଷୀରୋଦଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ଆଣିଥିବା ବେଳେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି।

# ଫାଇଭ-ଟି ସଚିବଙ୍କ ଦୁଇ ଦିନିଆ କଳାହାଣ୍ଡି ଗସ୍ତ

## କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଖୋଲିବ ସ୍ମାର୍ଟ କ୍ଲାସରୁମ୍ ଓ ଇ-ଲାଇବ୍ରେରି

ଭବାନୀପାଟଣା, ୨୧/୦୫ (ନି.ପ୍ର): ଫାଇଭ-ଟି ସଚିବ ଭି.କେ ପାଣ୍ଡିଆନ୍ ଦୁଇ ଦିନିଆ କଳାହାଣ୍ଡି ଗସ୍ତରେ ଆସିଛନ୍ତି। ଶୁକ୍ରବାର ପ୍ରଥମେ ଉତ୍କଳୋ ଏୟାରଷ୍ଟ୍ରିପରେ ପହଂଚି ବିକାଶ କାମର ଅନୁଧାନ କରିଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା ବିମାନ ଚଳାଚଳ ପାଇଁ ରନୱେ ସମ୍ପ୍ରସାରଣ କାମ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି। ପରେ ଶ୍ରୀ ପାଣ୍ଡିଆନ୍ ବେଲଖଣ୍ଡିର ପ୍ରସିଦ୍ଧ ଉମାମହେଶ୍ୱର ଧବଳେଶ୍ୱର ଶିବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ବିକାଶ ସମ୍ପର୍କରେ ସେବାୟତ ଓ କମିଟି ସଭ୍ୟଙ୍କ ସହ ଆଲୋଚନା କରି ମନ୍ଦିରର ବିକାଶ ପାଇଁ ୧୫ ଦିନ ମଧରେ ଡିପିଆର ପ୍ରସ୍ତୁତି ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହ ଆମ ହସ୍ପିଟାଲ କାମ ଆଗାମୀ ୬ ମାସ ମଧରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ନିରାମୟ କେନ୍ଦ୍ରରେ ମାଗଣା ଔଷଧ ବଂଟନ କାମର ଅନୁଧ୍ୟାନ କରିଥିଲେ। ପରେ ତେଲ ନଦୀ ଉପରେ ନିର୍ମାଣ ହେଉଥିବା ସାନ୍ଧୁଲ ବ୍ୟାରେଜ କାମର ଅଗ୍ରଗତି ସମୀକ୍ଷା କରିବା ସହ କାମ ଶୀଘ୍ର ଶେଷ କରିବାକୁ ତାଗିଦ କରିଥିଲେ। ଆସନ୍ତା ୨୦୨୪ ମାର୍ଚ୍ଚ ସୁଦ୍ଧା କାମ ଶେଷ କରିବାକୁ ଲକ୍ଷ୍ୟ ରହିଥିବା ନେଇ ବିଭାଗୀୟ କର୍ତୃପକ୍ଷ ତାଙ୍କୁ ଅବଗତ କରିଥିଲେ। ଏହି ବ୍ୟାରେଜ କାମ ଶେଷ ହେଲେ ନର୍ଲା, କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକର ୨୯ଟି ଗ୍ରାମର ଚାଷ ଜମିକୁ ଅଣ୍ଡର ଗ୍ରାଉଣ୍ଡ ପାଇପ୍ ଦ୍ୱାରା ଜଳସେଚିତ ହୋଇପାରିବ। ପରେ ଶ୍ରୀ ପାଣ୍ଡିଆନ୍ ନର୍ଲା ଷ୍ଟାଡିୟମ୍ ଓ ମିଶନ ଶକ୍ତି କାଫେ ଯାଇ ଖେଳାଳି ଓ ମିସନ ଶକ୍ତି ମା ମାନଙ୍କ ସହ ଆଲୋଚନା କରିଥିଲେ ଭବାନୀପାଟଣାରେ ଫାଇଭ-ଟି ସଚିବ ପୁଲିସ ହାଇସ୍କୁଲକୁ ଯାଇ ଶିକ୍ଷକ ଓ ପିଲାମାନଙ୍କ ସହ ସ୍କୁଲ ରୂପାନ୍ତରଣ ସୁବିଧା ଉପରେ ଆଲୋଚନା କରିଥିଲେ। ପରେ ସେ ଆଶା ସାଗର ବୁଲି ଦେଖିଥିଲେ। ଏହାର ପୁନର୍ବିକାଶ ପାଇଁ ମାସେ ଭିତରେ ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରୁ ଭବାନୀପାଟଣା ନବନିର୍ମିତ ବସ ଟର୍ମିନାଲକୁ ଯାଇ କାମର ଅଗ୍ରଗତି ସମୀକ୍ଷା କରି ନିର୍ଦ୍ଧାରିତ ସମୟ ମଧରେ କାମ ଶେଷ କରିବାକୁ ପରାମର୍ଶ ଦେଇଥିଲେ। ପରେ କଳାହାଣ୍ଡି ସରକାରୀ ମେଡିକାଲ କଲେଜ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ସମସ୍ୟା ଓ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରି ଓ ଉନ୍ନତମାନର ଲାବ୍ ର ବ୍ୟବସ୍ଥା କରାଯିବ ବୋଲି ଫାଇଭ-ଟି ସଚିବ ସୂଚନା ଦେଇଥିଲେ। କଳାହାଣ୍ଡି ଟାଉନ ହଲରେ ଫାଇଭ-ଟି ସଚିବ ମିସନ ଶକ୍ତି ସଦସ୍ୟାଙ୍କୁ ଭେଟିଥିଲେ। ଜୁନାଗଡ଼ର ପ୍ରସିଦ୍ଧ ଲଙ୍କେଶ୍ୱରୀ ମନ୍ଦିରର ବିକାଶ ସମ୍ପର୍କରେ ମନ୍ଦିର କମିଟି ସହ ଆଲୋଚନା କରିଥିଲେ। ମା'ଲଙ୍କେଶ୍ୱରୀଙ୍କ ମନ୍ଦିରର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ଅଢେଇ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଖୁବଶୀଘ୍ର ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରାଯାଇ ଶେଷ କରାଯିବ ବୋଲି କହିଥିଲେ। ଶୀଘ୍ର ଏଥିପାଇଁ ଡିପିଆର ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ସେ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ଇଣ୍ଡୋର ଷ୍ଟାଡିୟମ ପରିଦର୍ଶନ କରି ଏହାର ଉନ୍ନତିକରଣ କାର୍ଯ୍ୟଗୁଡିକୁ ବୁଲି ଦେଖିଥିଲେ। ପରେ ସ୍ଥାନୀୟ କ୍ରୀଡାବିତମାନଙ୍କୁ ସାକ୍ଷାତ କରି ଉତ୍ସାହିତ କରିଥିଲେ।

# ଚମ୍ପୁଆରେ ଶିକ୍ଷାବ୍ୟବସ୍ଥା ଫେଲ : ସରକାରୀ ବିଦ୍ୟାଳୟରୁ କେହି ପାଇଲେନି ଏ.୧ କିମ୍ବା ଏ.୨

ଚମ୍ପୁଆ, ୨୧/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ସଦର ମହକୁମା ଅଂଚଳରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡିକ ଶତ ପ୍ରତିଶତ ପରୀକ୍ଷା ଫଳ ତ ଦେଉଛନ୍ତି କିନ୍ତୁ ଏ.୧ କିମ୍ବା ଏ.୨ ଗ୍ରେଡ଼ରେ କୌଣସି ଛାତ୍ର ଛାତ୍ରୀ ନ ରହିବା ଚମ୍ପୁଆ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଛି । ୧୯୪୮ ମସିହାରେ ପ୍ରତିଷ୍ଠିତ ସର୍ବ ପୁରାତନ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ଦିନକୁ ଦିନ ତାର ଦୃତ ଗୌରବ ହରାଉ ଥିବାବେଳେ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ ମାନେ ଚିନ୍ତା ପ୍ରକଟ କରୁଛନ୍ତି। ଚଳିତ ବର୍ଷ ମେଟ୍ରିକ ପରୀକ୍ଷାରେ କେନ୍ଦୁଝର ଜିଲ୍ଲାର ପାସ ହାର ୯୪.୭୧ ରହିଥିବା ବେଳେ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ଜଣେ ହେଲେ ଛାତ୍ର, ଛାତ୍ରୀ ଏ.୧ କିମ୍ବା ଏ.୨ରେ ପାସ କରି ନ ପାରିବା ଏହି ବିଦ୍ୟାଳୟର ଗାରିମା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକଦା ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ସର୍ବପୁରାତନ ବିଦ୍ୟାଳୟରେ ଚଳିତ ବର୍ଷ ୧୬୨ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୬୦ ଜଣ ପାସକରିଥିବା ଜଣାପଡିଛି। ହେଲେ ସେଥି ମଧ୍ୟରୁ ବି.୧ ରେ ୪ ଜଣ ବି.୨ ରେ ୧୬ ଜଣ ଓ ସି ରେ ୩୯ ଜଣ ଓ ଡି ରେ ୪୮ ଜଣ ଛାତ୍ର ଛାତ୍ରୀ ପାସ କରିଥିବାବେଳେ ଏ.୧ ଓ ଏ.୨ରେ କେହି ବି ପାସ କରି ନାହାନ୍ତି। ଗୋଟିଏ ପଟେ ଶିକ୍ଷକଙ୍କ ଅବହେଳା ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହେଉଥିବାବେଳେ ଅନ୍ୟ ପଟେ ଏହି ବିଦ୍ୟାଳୟର ଶିକ୍ଷକମାନେ ନିଜ ନିଜ ଦାୟିତ୍ୱରୁ ବିଚ୍ୟୁତ ହୋଇ ଛାତ୍ର ଛାତ୍ରୀମାନଙ୍କୁ ଭଲ ଭାବରେ ପାଠ ପଢାଉ ନ ଥିବା ସହ ସ୍କୁଲ ସମୟରେ ଶିକ୍ଷକମାନେ ବିଦ୍ୟାଳୟରେ ନରହି ଅନ୍ୟ କାର୍ଯ୍ୟରେ ନିୟୋଜିତ ହେଉଥିବା ସାରା ଚମ୍ପୁଆରେ ଚର୍ଚ୍ଚା ହେଉଛି କ୍ଷ ଏହି ସର୍ବ ପୁରାତନ ବିଦ୍ୟାଳୟ ଦିନକୁ ଦିନ ଖରାପ ଫଳ ପ୍ରଦର୍ଶନ କରୁଥିବାବେଳେ ନିକଟରେ ୫ଟି ରୂପାନ୍ତରିତ ଯୋଜନାରେ ନିଜର ନବ କଳେବର କୁ ନେଇ ଚର୍ଚ୍ଚା ର ପରିଧିକୁ ଆସିଥିବା ଏହି ସର୍ବ ପୁରାତନ ବିଦ୍ୟାଳୟର କାୟାକଳ୍ପ ସିନା ବଦଳି ଗଲା ମାତ୍ର ଶିକ୍ଷା ବିକାଶରେ କୌଣସି ପରିବର୍ତନ ନହେବା ଏଠାରେ ଶିକ୍ଷା ବିକାଶର ବିକଳ ଚିତ୍ର କୁ ସ୍ୱଷ୍ଟ କରି ସାରିଛି । ଯାହାରି ପାଇଁ ଦିନକୁ ଦିନ ଏହି ସରକାରୀ ବିଦ୍ୟାଳୟରୁ ଅଭିଭାବକ ମୁହଁ ଫେରାଉଥିବା ଜଣାପଡିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଚମ୍ପୁଆ ବ୍ଲକରେ ମହତାବ ଉଚ୍ଚ ବିଦ୍ୟାଳୟ ପରି ଅନ୍ୟ କୌଣସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏ.୧ କିମ୍ବା ଏ.୨ରେ କୌଣସି ଛାତ୍ର, ଛାତ୍ରୀ ପାସ କରି ନ ପାରିବା ଏଠାକାର ଶିକ୍ଷା ବିକାଶ ର ପାରିବା ପଣିଆକୁ ସ୍ୱଷ୍ଟ କରି ସାରିଛି କ୍ଷ ମହତାବ ଉଚ୍ଚ ବିଦ୍ୟାଳୟ ପରି ଏକଦା ଚମ୍ପୁଆ ବ୍ଲକର ଗାରିମା ବହନ କରୁଥିବା ଚମ୍ପୁଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗନ୍ନାଥ ପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଜ୍ୟୋତିପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କାଳିକା ପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ଶତ ପ୍ରତିଶତ ପରୀକ୍ଷା ଫଳ ସିନା ଦେଉଛନ୍ତି ମାତ୍ର ଏ.୧ ଓ ଏ.୨ ରେ କେହି ପାସ କରି ପାରି ନଥିବା ଚମ୍ପୁଆ ବ୍ଲକ ରେ ଶିକ୍ଷା ବିକାଶର ନଗ୍ନ ଚିତ୍ରକୁ ଉଜାଗର କରି ସାରିଛି । ତେବେ ଯେଉଁ ବିଦ୍ୟାଳୟଗୁଡିକ ପୂର୍ବରୁ ଉଚ୍ଚ କୋଟିର ଫଳାଫଳ ପ୍ରଦର୍ଶନ କରି ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଏବେ ସରକାର ୫ଟି ଯୋଜନାରେ ସମସ୍ତ ବିଦ୍ୟାଳୟଗୁଡିକୁ ରୂପାନ୍ତରିତ କରିବାକୁ ଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ଅଗ୍ରଣୀ ବିଦ୍ୟାଳୟ ଗୁଡିକରେ ଆଶାନୁରୂପକ ଫଳା ଫଳ ମିଳୁନଥିବାରୁ ସରକାରୀ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷକମାନଙ୍କ ଶିକ୍ଷାଦାନର ବାସ୍ତବ ସ୍ଥିତିକୁ ନେଇ ଶିକ୍ଷାବିତ୍ ଏବଂ ଅଭିଭାବକ ମହଲରେ ଚିନ୍ତାର ବିଷୟ ପାଲଟିଛି।

# ଆଧାର ଫଟୋ ଉଠା ପାଇଁ ମାଗୁଛନ୍ତି ୨୦୦ ଟଙ୍କା

ଉଦଳା, ୨୧/୦୫ (ନି.ପ୍ର): ଆଧାର କାର୍ଡ଼ ପାଇବା ପାଇଁ ଯେଉଁ ସରକାରୀ ବାବୁ ମାନେ ଆସୁଛନ୍ତି, ସେମାନେ ମୁଣ୍ଡପିଛା ୨୦୦ ଟଙ୍କା ମାଗୁଛନ୍ତି ବୋଲି ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ କାଶିକୁଣ୍ଡଳା ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁନଥିବା ଏହି ଗରିବ ପରିବାରର ସଦସ୍ୟ ମାନେ ୨୦୦ଟଙ୍କା ଦେବା ପାଇଁ ଆଦୌ ସକ୍ଷମ ନୁହଁନ୍ତି । ଫଳରେ ଉକ୍ତ ଗ୍ରାମର ବାସିନ୍ଦା ଆଧାରକାର୍ଡ଼ ପାଇପାରୁନଥିବାର ଜଣାଯାଇଛି । ଖାଦ୍ୟ ଯୋଜନାରେ ଚାଉଳ ଓ ପିଲାଙ୍କ ପାଠପଢ଼ା ପାଇଁ ଉକ୍ତ ଗ୍ରାମର ବାସିନ୍ଦା ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଜଣାଇଛନ୍ତି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ଅନୁରୋଧ ଜଣାଇଛନ୍ତି ।

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା

## ୨୫ଜଣଙ୍କୁ ପେନସନ ସଂକ୍ରାନ୍ତୀୟ କାଗଜପତ୍ର ସହ ସମ୍ବର୍ଦ୍ଧନା ପ୍ରଦାନ



ବାରିପଦା , ୨୧/୦୫ (ନି.ପ୍ର): ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ସମ୍ମିଳନୀ କକ୍ଷରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ସହଯୋଗରେ ମାର୍ଚ୍ଚ ଓ ଏପ୍ରିଲ- ୨୦୨୩ରେ ଚାକିରୀରୁ ଅବସର ନେଇଥିବା ମାଧ୍ୟମିକ ସ୍କୁଲ ଶିକ୍ଷକ-କର୍ମଚାରୀ ମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ପ୍ରୋଭିଜନାଲ ପେନସନର କାଗଜପତ୍ର ପ୍ରଦାନ କରାଯାଇଛି. ଏହି ଅବସରରେ ଜିଲ୍ଲା ଶିକ୍ଷାଧାକାରୀ ନବକିଶୋର ଗିରି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଦୀପ୍ତି ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଓଷ୍ଟା ସଭାପତି ସନ୍ତୋଷ କୁମାର କାସ୍ତ, ଓଷ୍ଟା ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ, ଜିଲ୍ଲା ଉପ-ସଭାପତି କୋକିଳ ଚନ୍ଦ୍ର ମହାନ୍ତ, ଯୁଗ୍ମ ସଂପାଦକ ଗୋପୀବଲ୍ଲଭ ଭୂୟାଁ, କୋଷାଧକ୍ଷ ସତ୍ୟରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀଣି ସଭ୍ୟ ସମୀର କୁମାର ମାଇତି ଓ ବାରିପଦା ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ଜିଲ୍ଲା ସମ୍ପାଦକ ଚିତରଞ୍ଜନ ପଲତା ଆଜିର କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଅବସର ନେଉଥିବା ଶିକ୍ଷକ-କର୍ମଚାରୀ ମାନେ ସେମାନଙ୍କ ପାଇଁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ନିଜ ନିଜର ଚାକିରୀ ଜୀବନର ଅନୁଭୂତି ବର୍ଣନା କରିବା ସହିତ ସଂଗଠନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅବସର ନେଉଥିବା ୧୦ ଜଣ ପ୍ରଧାନ ଶିକ୍ଷକ, ୮ ଜଣ ସହକାରୀ ଶିକ୍ଷକ, ୨ ଜଣ କାର୍ଯ୍ୟାଳୟ ସହାୟକ ଓ ୫ ଜଣ ପିଅନଙ୍କୁ ମିଶାଇ ମୋଟ ୨୫ଜଣଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ପେନସନ ସଂକ୍ରାନ୍ତୀୟ କାଗଜପତ୍ର ସହିତ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଫିସର ବରିଷ୍ଠ ସହାୟକ ଶିବପ୍ରସାଦ ବେହେରା, ସତ୍ୟରଞ୍ଜନ ଦାସ, ଦେବବ୍ରତ ମହାନ୍ତ, କ୍ଷେତ୍ରମୋହନ ବେହେରା ଓ ମନରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଯୁଗ୍ମ-ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ତାତି ଆହୁରି ୫...

ଚାନ୍ଦବାଲିରେ ୪୧.୦ ଡିଗ୍ରୀ, ଭବାନୀପାଟଣାରେ ୪୦.୬ ଡିଗ୍ରୀ, ବାରିପଦାରେ ୪୦.୪ ଡିଗ୍ରୀ, ତାଳଚେରରେ ତାପମାତ୍ରା ୪୦.୦ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଅନୁଗୋଳରେ ୩୯.୭ ଡିଗ୍ରୀ, ନୂଆପଡ଼ାରେ ୩୯.୭ ଡିଗ୍ରୀ, ଫୁଲବାଣୀରେ ୩୯.୭ ଡିଗ୍ରୀ, ଭୁବନେଶ୍ୱରରେ ୩୯.୫ ଡିଗ୍ରୀ, ଭଦ୍ରକରେ ୩୯.୪ ଡିଗ୍ରୀ, ମାଲକାନଗିରିରେ ୩୯.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୩୯.୨ ଡିଗ୍ରୀ, ନୟାଗଡ଼ରେ ୩୯.୨ ଡିଗ୍ରୀ, ଯାଜପୁରରେ ୩୯.୦ ଡିଗ୍ରୀ, ଦେବଗଡ଼ରେ ୩୮.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୦ ଡିଗ୍ରୀ, କୋରାପୁଟରେ ୩୮.୦ ଡିଗ୍ରୀ, ବାଲେଶ୍ୱରରେ ୩୮.୦ ଡିଗ୍ରୀ, କଟକରେ ୩୭.୫ ଡିଗ୍ରୀ, ଜଗତସିଂହପୁରରେ ୩୭.୫ ଡିଗ୍ରୀ, କେନ୍ଦୁଝରରେ ୩୭.୨ ଡିଗ୍ରୀ, ଢେଙ୍କାନାଳରେ ୩୭.୦ ଡିଗ୍ରୀ, ଖୋର୍ଦ୍ଧାରେ ୩୭.୦ ଡିଗ୍ରୀ, ଛତ୍ରପୁରରେ ୩୭.୦ ଡିଗ୍ରୀ, ରାୟଗଡ଼ାରେ ୩.୮ ଡିଗ୍ରୀ, ନବରଙ୍ଗପୁରରେ ୩.୦ ଡିଗ୍ରୀ, ପୁରୀରେ ୩୫.୨ ଡିଗ୍ରୀ, ପାରାଦୀପରେ ୩୪.୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୪.୫ ଡିଗ୍ରୀ ଓ ଗୋପାଳପୁରରେ ତାପମାତ୍ରା ୩୩.୬ ଡିଗ୍ରୀ ରେକର୍ଡ କରାଯାଇଛି ।

## ଭୟଙ୍କର ବଜ୍ରପାତ....

ଗତିରେ ଆଗକୁ ମାଡ଼ି ଚାଲିଥିଲା । ଠିକ୍ ସେହି ସମୟରେ ହୋଇଥିଲା ଏକ ଭୟଙ୍କର ବଜ୍ରପାତ । ଯାହାଫଳରେ ରେଲୱେ ବିଦ୍ୟୁତ୍ ତାର ଜଳିଯାଇଥିବା ବେଳେ ଶଙ୍ଖ ଗୁଡ଼ିକ ଭାଙ୍ଗି ଯାଇଛି । ଟ୍ରେନ୍ ଇଞ୍ଜିନ୍‌ର ସମ୍ନା କାଚ ଓ ଅନେକ ବଗିର କାଚ ଫାଟି ଯାଇଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଟ୍ରେନ୍‌କୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣେ ଯାତ୍ରୀ ଅଭିଯୋଗ କରିଛନ୍ତି । କହିବାକୁ ଗଲେ ଏକ ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି ବନ୍ଦେ ଭାରତ ଏକ୍ସପ୍ରେସ୍ । ଟ୍ରେନ୍ ଭିତରେ ଥିବା ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି । ଟ୍ରେନ୍‌ଟି ଅପରାହ୍ନ ପ୍ରାୟ ୪.୩୫ ମିନିଟ୍‌ରେ ବ୍ରିଜ୍ ଉପରେ ଅଟକି ରହିଛି । ଖବର ପାଇଁ ରେଳ ବିଭାଗର ବରିଷ୍ଠ ଅଧିକାରୀ ଓ ମେଣ୍ଟେନାନ୍ସ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚିଛି । ବିଦ୍ୟୁତ ସରବରାହ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଚାଲିଛି । ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ମରାମତି କାର୍ଯ୍ୟ ସରିଯିବ ବୋଲି ପୂର୍ବତନ ରେଳପଥ ସିପିଆଓ ବିଶ୍ୱଜିତ ସାହୁ କହିଛନ୍ତି । ସୂଚନାରୁ ପ୍ରକାଶ, ଆଜି ଅପରାହ୍ନରେ କାଳବୈଶାଖୀରେ ଯାଜପୁର ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବିଜୁଳି ମାରିଥିଲା । ଯାହାଫଳରେ ଗ୍ରାମାଞ୍ଚଳରେ ବଡ଼ବଡ଼ ଗଛ ଭାଙ୍ଗି ରାସ୍ତାରେ ପଡ଼ିଛି । ଅନେକ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି ।

## ରାଜଧାନୀରୁ ୧ କେଜି ...

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସଟିଏଫ୍ ଟିମ୍ ଚଢ଼ାଉ କରିଥିଲା । ନିଶା ବେପାର ବିରୋଧରେ ଜାରି ରହିଛି ସ୍ପେଶାଲ ଡ୍ରାଇଭ । ଏସଟିଏଫ୍ ଟିମ୍ ୨୦୨୦ରୁ ଏଯାଏ ୬୯ କେଜି ବ୍ରାଉନସୁଗାର ଜବତ କରିଥିବା ଜଣାଯାଇଛି । ଏହାଛଡ଼ା୨୦୨ ଗ୍ରାମ କୋକେନ ଓ ୧୧୩ କ୍ୱିଣ୍ଟାଲ ଗଞ୍ଜେଇ ମଧ୍ୟ ଜବତ ହୋଇଛି ।

# ତାଳଗଛକୁ ବଜ୍ରପାତ, କୁଟାପୁଞ୍ଜିରେ ଲାଗିଲା ନିଆଁ : ଅଳ୍ପକେ ବର୍ତ୍ତିଲା ଧନଜୀବନ

ନୀଳଗିରି , ୨୧/୦୫ (ନି.ପ୍ର): ରବିବାର ଅପରାହ୍ନ ବରହମପୁର ଅଧିନସ୍ଥ ଧରମପୁର ନିବାସୀ ଶ୍ରୀନିବାସ ପସା (ବନମାଳୀ )ଙ୍କ ଘର ପାଖରେ ଥିବା ଏକ ତାଳଗଛକୁ ଶୁଖିଲା ଘଡଘଡି ମାରିବା ଫଳରେ ତାଳବାହୁଙ୍ଗାରେ ନିଆଁ ଲାଗିଯାଇଥିଲା । ଫଳରେ ପାଖରେଥିବା କୁଟାପୁଞ୍ଜିରେ ନିଆଁଝୁଲ ପଡି ଜଳିବାକୁ ଲାଗିଲା । ନିଆଁକୁ ଆୟତ୍ତ କରିବା ପାଇଁ ଗ୍ରାମବାସୀଙ୍କ ସହାୟତାରେ ପଡୋଶୀ ଙ୍କ ଡ୍ରିଜି ଓ ସେଲୋ କୁ ବ୍ୟବହାର କରି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା । ପରେ ନୀଳଗିରି ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ସମ୍ପୂର୍ଣ ଆୟତ୍ତ କରିଥିଲେ । ସେହିପରି ପାଖଘର ହରିହର ବେହେରାଙ୍କ ନଡ଼ିଆଗଛରେ ମଧ ନିଆଁ ଲାଗି ଯାଇଥିବା ବେଳେ ନିକଟସ୍ଥ ଆମ୍ବଗଛ ମୂଳରୁ ଆମ୍ବ ଗୋଟାଉ ଥିବା ଏକ ଝିଅ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି ।

# ଦଶମଶ୍ରେଣୀ ନୀଳଗିରି ଉପଖଣ୍ଡ ଟପ୍ପରଙ୍କୁ ସମ୍ବର୍ଦ୍ଧିତ



ନୀଳଗିରି , ୨୧/୦୫ (ନି.ପ୍ର): ଚଳିତ ଦଶମଶ୍ରେଣୀ ପରୀକ୍ଷାରେ କୃତିତ୍ୱ ସହ ଇ୧ଗ୍ରେଡ଼ ରଖି ସମଗ୍ର ନୀଳଗିରି ଉପଖଣ୍ଡରେ ଟପ୍ପର ହୋଇଥିବା ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅଯୋଧ୍ୟା ମାରିଚି ବାଳିକା ଉଚ୍ଚ ବିଦ୍ୟାମନ୍ଦିରର ଛାତ୍ରୀ ବିନ୍ଦୁସ୍ମିତା ଚୌଧୁରୀ ଏବଂ ନୀଳଗିରି କେ. ସି ହାଇସ୍କୁଲର ଛାତ୍ର ଜଗତଜ୍ୟୋତି ନାୟକ ଉଭୟ ୫୬୭ନଂ ରଖି ଯୁଗ୍ମଭାବେ ନୀଳଗିରି ବ୍ଲକ ଟପ୍ପର ହୋଇଥିବା ବେଳେ ଔପଦା ବ୍ଲକ ଇଶ୍ୱରପୁର ହାଇସ୍କୁଲ ର ଛାତ୍ରୀ ଆରାଧନା ପାତ୍ର ବୋର୍ଡ ପରୀକ୍ଷାରେ ମୋଟ ୫୫୯ନଂ ରଖି ଇ୧ରେ ବ୍ଲକ ଟପ୍ପର ହୋଇଛନ୍ତି । ସମସ୍ତ ତିନିଜଣ ଛାତ୍ରଛାତ୍ରୀ ଙ୍କୁ ବିଜୁ ଜନତା ଦଳର ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ନୀଳଗିରିର ଯୁବ ସମାଜସେବୀ ସବ୍ୟସାଚୀ ମହାପାତ୍ର, ଏନ. ଏ. ସି ଅନୁସୂଚିତ ଜାତି ସଭାପତି ଶରତ ଦାସ, ଯୁବସମାଜସେବୀ ଉଦୟଜ୍ୟୋତି ମହାନ୍ତି ପ୍ରମୁଖ କୃତି ଛାତ୍ରଛାତ୍ରୀ ଙ୍କ ଘରେ ପହଂଚି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିବା ସହିତ ଉଜ୍ଜଳମୟ ଭବିଷ୍ୟତ କାମନା କରିଥିଲେ ।

# ନୀଳମଣି ମହାବିଦ୍ୟାଳୟରେ ସଂସ୍କୃତ ସମ୍ମାନ ବିଭାଗର ବିଦାୟ ଉତ୍ସବ




ରୂପସା, ୨୧/୦୫ (ନି.ପ୍ର): ନୀଳମଣି ମହାବିଦ୍ୟାଳୟ, ରୂପ୍ସା , ବାଲେଶ୍ୱର ର ସଂସ୍କୃତ ସମ୍ମାନ ବିଭାଗ ପକ୍ଷରୁ +୩ ଶେଷ ବର୍ଷ ର ଛାତ୍ରଛାତ୍ରୀ ଙ୍କ ର ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଚି , ଏହି ସଭା ରେ ପ୍ରଥମେ ଜଗତର ନାଥ ଜଗନ୍ନାଥ ଙ୍କ ଫୋଟ ଚିତ୍ର ରେ ଶ୍ରଦ୍ଧା ସୁମନ ଅର୍ପଣ କରି ପ୍ରାରମ୍ଭ ହୋଇଥିଲା , ମହାବିଦ୍ୟାଳୟ ର ସଂସ୍କୃତ ସମ୍ମାନ ବିଭାଗ ର ମୁଖ୍ୟ ପ୍ରଧାପିକା ନିଳୀମା ପାତ୍ର ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ଅଧକ୍ଷ ଡ଼ ତପନ କୁମାର ବେହେରା ଏବଂ ବରେଣ୍ୟ ଅତିଥି ଭାବେ ବିଭାଗ ର ଅନ୍ୟତମ ଅଧ୍ୟାପିକା ପିନାକ୍ଷୀ ପଣ୍ଡା ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀ ମାନେ କିଭଳି ଭାବରେ ଭଲ ଭାବରେ ଉଚ୍ଚ ଶିକ୍ଷା ଲାଭ କରି ଜୀବନରେ ସଫଳତା ର ଅଧିକାରୀ ହୋଇ ପାରିବେ ଏବଂ ମହାବିଦ୍ୟାଳୟ ର ନାମ ରଖି ପାରିବେ ସେ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀ କାଳୀନ ବିଦ୍ୟାର୍ଥୀ ଙ୍କୁ ପୁଷ୍ପଗୁଚ୍ଛ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା , ଏହି କାର୍ଯ୍ୟକ୍ରମ କୁ ସଂସ୍କୃତ ସମ୍ମାନ ବିଭାଗ ର ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ର ଛାତ୍ରଛାତ୍ରୀ ମାନେ ପରିଚାଳିତ କରିଥିଲେ ଶେଷ ରେ ଦ୍ୱିତୀୟ ବର୍ଷ ର ଦୁଇ ଜଣ ଛାତ୍ରୀ ଯଜ୍ଞାସେନି ପ୍ରହରାଜ ଓ ପ୍ରଣିତା ପାତ୍ର ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଭୋଜି ଭାତ ମଧ୍ୟ ଆୟୋଜିନ ହୋଇଥିଲା ।

## ଦେପୁର ଗ୍ରାମରେ ଚୋରୀ

କେନ୍ଦ୍ରାପଡ଼ା, ୨୧/୦୫ (ନି.ପ୍ର): ଗତ କିଛିଦିନ ହେଲା ଜିଲ୍ଲାର ବିଭିନ୍ନ ଅଂଚଳରେ ଚୋରୀ ଓ ଡକାୟତି ବଢିଥିବା ଜଣାପଡିଛି । ଗତକାଲି ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ଦେପୁର ଗ୍ରାମରେ ପ୍ରମୋଦ ରାଉତଙ୍କ ଘରେ ଚୋର ମାନେ ଘର ଭିତରେ ପଶି ମଙ୍ଗଳସୂତ୍ର, କାନଫୁଲ, ନଗଦ ଟଙ୍କା ସହିତ ମୂଲ୍ୟବାନ ଜିନିଷପତ୍ର ଲୁଟ କରିନେଇ ପଳାଇଛନ୍ତି । ଏତଲା ପାଇବା ପରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ ଘଟଣା ସ୍ଥଳରେ ପହଁଚି ତଦନ୍ତ କରିଥିବା ଜଣାପଡିଛି ।

# ଶାନ୍ତିକାନନରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ପାଳନ



ବାଲେଶ୍ୱର: ୨୦/୫: ଶନିବାର ଶାନ୍ତିକାନନରେ ଫକୀରମୋହନ ସାହିତ୍ୟ ପରିଷଦର ଆନୁକୂଲ୍ୟରେ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଶତବାର୍ଷିକୀ ମହାସମାରୋହରେ ପାଳନ କରାଯାଇଛି । ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ମନୋଜ୍ଞ ପରିବେଶରେ ଆୟୋଜିତ ବାଳକୃଷ୍ଣ ଦାଶ ସଙ୍ଗୀତ ସନ୍ଧ୍ୟା ଉତ୍ସବକୁ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ତଥା 'ପ୍ରମେୟ' ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ ବାଳକୃଷ୍ଣ ଦାଶଙ୍କୁ ଓଡ଼ିଶା ସଙ୍ଗୀତ ଜଗତର ବ୍ରହ୍ମା ବୋଲି ଅଭିହିତ କରିଥିବାବେଳେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ମୁଖ୍ୟବକ୍ତା ଭାବେ ଯୋଗଦାନ ପୂର୍ବକ ବିଭିନ୍ନ ତଥ୍ୟ ଉପସ୍ଥାପନ କରି କହିଲେ ଯେ ଫକୀରମୋହନ ସାହିତ୍ୟ ପରିଷଦ ହିଁ ବାଳକୃଷ୍ଣ ଦାଶଙ୍କୁ 'ସଙ୍ଗୀତ ସୁଧାକର' ଉପାଧିରେ ଭୂଷିତ କରିଛି । ଏହି ଅବସରରେ ସଙ୍ଗୀତଗୁରୁ ସତ୍ୟରଂଜନ ମହାନ୍ତିଙ୍କୁ ପରିଷଦର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜେଶ ଗିରି ମାନପତ୍ର ପାଠ କରିଥିଲେ । ସଂପାଦକ ଦୀପକ ଘୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ । ପୂର୍ବରୁ ଆୟୋଜିତ ବାଳକୃଷ୍ଣ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କନିଷ୍ଠବର୍ଗ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ୱେତାଲିସା ଶୁଭଦର୍ଶିନୀ ପ୍ରଥମ, ଚିତ୍ରାଙ୍ଗଦା ମହାନ୍ତି ଦ୍ୱିତୀୟ, ତେଜସ୍ୱିନୀ ଗିରି ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବରିଷ୍ଠ ବର୍ଗରେ ସ୍ମୃତିସ୍ୱରୂପା ମିଶ୍ର ପ୍ରଥମ, ଦିଶାନ୍ତ ପୀୟୁଷ ପାଣିଗ୍ରାହୀ ଦ୍ୱିତୀୟ ଓ ଆଦ୍ୟାଶା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କୋଷାଧକ୍ଷ ତପନ ରାୟଙ୍କ ସଂଯୋଜନାରେ କଲ୍ୟାଣୀ ନନ୍ଦ, ସତ୍ୟରଂଜନ ମହାନ୍ତି, ରୀତା ମହାର୍ଣ୍ଣା, ଆକାଶ ପଣ୍ଡା, ଦୀପ୍ତରାଗ ଦେ, ସଂଶ୍ରିତା ପାତ୍ର, ସ୍ୱସ୍ତି ଶାଶ୍ୱତ କର ଓ ହର୍ଷିତା ଦାସଙ୍କ ସମେତ ସମସ୍ତ କୃତି ପ୍ରତିଯୋଗୀମାନେ ବାଳକୃଷ୍ଣ ସଙ୍ଗୀତ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ବାଦ୍ୟଯନ୍ତ୍ରରେ ସଂଜୀବ ବେହେରା ଓ ସୁଭାଷ ସିଂହ ସହଯୋଗ କରିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ସାହିତ୍ୟିକ, ସଂସ୍କୃତିପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବିମଳା ନାଟ୍ୟ ସଂସଦ ପକ୍ଷରୁ ନାଟ୍ୟନିର୍ଦ୍ଦେଶକ ରାୟ ରାମାନନ୍ଦ ମହାପାତ୍ରଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୨୧/୦୫ (ନି.ପ୍ର): ବିମଳା ନାଟ୍ୟ ସଂସଦ କୋରଂଟ ରାନ୍ଦିଆ ଭଦ୍ରକ ପକ୍ଷରୁ ମାଟିର ଅମ୍ଳାନ ପ୍ରତିଭାର ନିଜ ଜନ୍ମ ମାଟିର ମର୍ଯ୍ୟାଦାବନ୍ତ ପୁରୁଷ ରାୟ ରାମାନନ୍ଦ ମହାପାତ୍ର (ନୁନିଭାଇ)ଙ୍କ ସ୍ମୃତି ସଭା ବିମଳା ମନ୍ଦିର ପ୍ରାଙ୍ଗଣରେ ଦୁଃଶାସନ ଗାହାଣଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ଆଇନ୍‌ଜୀବୀ ଗିରିଧାରିନାଥ ଯୋଗଦେଇ ନିଜ ବକ୍ତବ୍ୟରେ କହିଲେ ସେ ହିନ୍ଦୁ ବାଦିନଥିଲେ ମାନବବାଦୀ ଥିଲେ, ମାନବ ସେବା ହିଁ ମାଧବ ସେବା । ମୁଖ୍ୟ ଅତିଥିଭାବେ ତ୍ୟାଗ ଭୂମିର ସଭାପତି ଅଜୟ କୁମାର ନାୟକ, ମୁଖ୍ୟବକ୍ତା ଆଇନଜୀବୀ ସନ୍ତୋଷ କୁମାର ଦାସ, ବିଦ୍ୟାଧର ସାହୁ, କବି ବିଜୟ ବହଳି, ଆଇନ୍‌ଜୀବୀ ପ୍ରଫୁଲ୍ଲ ସାମଲ, ଅଗଣୀ ଜେନା ପ୍ରମୁଖ ଯୋଗଦେଇଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଆମନ୍ତ୍ରଣ କରିଥିଲେ ଅନନ୍ତ ଖୁଣ୍ଟିଆ ଓ ପରିଚୟ ପ୍ରଦାନ କରିଥିଲେ ସଂସଦର ଉପସଭାପତି ଇଂ. ଅଶୋକ କୁମାର ମହାନ୍ତି । ସ୍ୱାଗତ ଭାଷଣ ସମ୍ପାଦକ ଗୌରାଙ୍ଗ ଚନ୍ଦ୍ର ବାରିକ । ଅନ୍ୟମାନଙ୍କ ମଧ୍ୟରେ ମୋହିନମୋହନ ମହାପାତ୍ର ,ନାରାୟଣ ପାଢ଼ି, ଅମୀୟ ମହାପାତ୍ର, ଭାଗିରଥି ରାଉତ, କିଶାନ ସେଠୀ, ଅମୀୟ ସେଠୀ, ରମାକାନ୍ତ ଗାହାଣ, ନୃତ୍ୟ ଗୁରୁ ନାରାୟଣ ସାହୁ, ଅଭିନେତ୍ରୀ ସନ୍ଧ୍ୟାରାଣୀ ବେହେରା, କଣ୍ଠଶିଳ୍ପୀ ମୀନତୀ ବାରିକ, ବାପି ମହାପାତ୍ର, ସୁଜାତା ମହାପାତ୍ର, ଲକ୍ଷ୍ମୀଧର ସେଠୀ, ଗୋପାଳ ମୁଖୀ, ରଶ୍ମିରଂଜନ ମହାପାତ୍ର, ଆଶିଶ ସେଠୀ ପ୍ରମୁଖ ଦିବଂଗତ୍ ଆତ୍ମାର ସଦଗତି କାମନା ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଘର ମାଲିକଙ୍କ ମୁଣ୍ଡ ଫଟାଇଲେ ଚୋର

କେନ୍ଦ୍ରାପଡ଼ା, ୨୧/୦୫ (ନି.ପ୍ର): ସଦର ଥାନା ଅନ୍ତର୍ଗତ ଓସ୍ତପୁର ପଂଚାୟତର ନାଗପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ଚୋରୀ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ନାଗପୁର ଗ୍ରାମର ପ୍ରଭାତ ରାତଙ୍କ ଘରେ ବିଳମ୍ବିତ ରାତିରେ ଚୋର ମାନେ ପଶି ୮୦ ହଜାର ନଗଦ ଟଙ୍କା, ସୁନା ଚେନ, ମୁଦି, କାନଫୁଲ ଚୋରୀ କରୁଥିବା ବେଳେ ପ୍ରଭାତଙ୍କ ଭାଇ ପ୍ରେମାନନ୍ଦ ଏହାର ବିରୋଧ କରିବାରୁ ଚୋର ଏକ ରଡରେ ତାଙ୍କ ମୁଣ୍ଡକୁ ଶକ୍ତ ପାହାର ଦୋବାରୁ ସେ ଗୁରୁତର ଭାବେ ଆହତ ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଖବର ପାଇ ସଦର ଥାନା ଅଧିକାରୀ ଓ ସାଇନଟିଫିକ ଦଳ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଥିବା ଜଣାପଡିଛି ।

# ରାଜୁ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ: କିଙ୍ଗ ଫିସର-୧୧ ଚମ୍ପିଆନ



ବାଲେଶ୍ୱର, ୨୧/୦୫ (ନି.ପ୍ର): ପାତ୍ରପଡ଼ା ସୁବର୍ଣ୍ଣେଶ୍ୱର ମନ୍ଦିର ପଡ଼ିଆରେ ଅଷ୍ଟମ ରାଜୁ ଦାସ ମେମୋରିଆଲ ମନ୍ଦିର ବାଡ଼ି ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଜ୍ୟୋତିର୍ବିଦ ପଣ୍ଡିତ ମନ୍ମଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦଘାଟନ କରିଥିଲେ । ଖେଳରେ ହାରିବା ଜିତିବାକୁ ଅଧିକ ଗୁରୁତ୍ୱ ନ ଦେଇ ଭାଇଚାରା ବଜାୟ ରଖିବାକୁ ସେ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ । ସାରଗାଁର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ, ସମାଜସେବୀ ନଳିନୀ ଦାସ ଓ ରାଜେନ୍ଦ୍ର ରାଉତ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳଙ୍କ ସମେତ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଲୁକ୍କାୟିତ ଖେଳପ୍ରତିଭାକୁ ଲୋକ ଲୋଚନକୁ ଆଣିବାରେ ଏହି ଟୁର୍ଣ୍ଣାମେଣ୍ଟ ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ୬ ଦଳଙ୍କ ମଧ୍ୟରୁ 'କିଙ୍ଗ ଫିସର-୧୧ ଏବଂ 'ମେକାନିକ ବୟେଜ' ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୬ ଓଭର ବିଶିଷ୍ଟ ମ୍ୟାଚରେ କିଙ୍ଗ ଫିସର ଇଲେଭେନ ୧୯ରନରେ ବିଜୟ ଲାଭ ସହ ଚମ୍ପିଆନ ଘୋଷିତ ହୋଇଥିଲା । ଟୁର୍ଣ୍ଣାମେଣ୍ଟ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ଚାମ୍ପିଅନ ଏବଂ ରନର୍ସ-ଅପ ଟିମକୁ ଟ୍ରଫି ଏବଂ ପୁରସ୍କାର ପ୍ରଦାନ କରିଥିଲେ । ଅଭିଷେକ ମାଇତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ବିଜୟ କୁମାର ପାଢ଼ୀ ଏବଂ ବନ ତରେଇ ଏମ୍ପାୟାର ଭାବେ ସମସ୍ତ ମ୍ୟାଚକୁ ପରିଚାଳନା କରିଥିବା ବେଳେ ନନଷ୍ଟପ କ୍ଲବର କର୍ମକର୍ତ୍ତା ତଥା ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଅୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବ କୁଲୁତା ସମାଜ ତରଫରୁ ଭୀମ ପାହାଡ଼ ମହୋତ୍ସବରେ ଅନ୍ନପ୍ରସାଦ ବଂଟନ

ବଲାଙ୍ଗୀର, ୨୧/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଯୁବ କୁଲୁତା ସମାଜ ତରଫରୁ ଭୀମ ପାହାଡ ମହୋତ୍ସବରେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି । ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଦେଷ୍ଟା ଶ୍ରୀମନ୍ତ ଗଡତ୍ୟା, ମହଲେଇ ସରପଂଚ ଚତ ରଂଜନ ସାହୁ, ସାଲେପାଲି ସରପଂଚ ହେମନ୍ତ ସାହୁ ଓ ଯୁବିଆରଓ ର ବାସୁଦେବ ସାହୁ ଯୋଗଦାନ କରିଥିଲେ । ଏ ଅନ୍ନପ୍ରସାଦ କାର୍ଯ୍ୟକ୍ରମଟି ସନ୍ଧ୍ୟା ଘ.୬.୩୦ମି. ରୁ ରାତ୍ର ଘ.୧୨ ଟା ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ପ୍ରାୟ ୬ହଜାର ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । କୁଲୁତା ସମାଜର ପାରମ୍ପାରିକ ଖାଦ୍ୟ "କୁଲୁତା ଲେଥା" ସମସ୍ତଙ୍କୁ ବେଶ ଆନନ୍ଦ ଦେଇଥିଲା ।

ସୋମବାର, ମଇ ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପାଇଁ କମଳ ମନୋନୀତ

ନୀଳଗିରି, ୨୧/୦୫ (ନି.ପ୍ର): ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର ପାଇଁ ନୀଳଗିରି ପୁଅ କମଳ ମନୋନୀତ ହେବା ପରେ ଅଞ୍ଚଳରେ ଖୁସୀର ଲହର ଦେଖିବାକୁ ମିଳିଛି। ଦକ୍ଷିଣ ନରସିଂହପୁର ପଞ୍ଚାୟତ ଗୋବରା ଗ୍ରାମର ପର୍ଣ୍ଣନାମ ପଣ୍ଡାଙ୍କ ପୁଅ କମଳ ଲୋଚନ ପଣ୍ଡା(୨୪)ଫକୀର ମୋହନ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ସାଇନ୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। ସ୍ନାତକୋତ୍ତର ପରେ ଉକ୍ତ ବିଷୟରେ ଅଧିକ ଅଧ୍ୟୟନ କରିବା ସହିତ ସାମାଜିକ ସେବାରେ ମନ ନିବେଶ କରିବେ ବୋଲି କହିଛନ୍ତି କମଳ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନଏସଏସ ଦଳର ସଦସ୍ୟ ହେବା ସହିତ,ବିଶ୍ୱବିଦ୍ୟାଳୟର କୂଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବୃକ୍ଷ ରୋପଣ,ରକ୍ତଦାନ ଶିବିର,ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ସ୍କୁଲ ଗୁଡିକରେ ଗରିବ ଛାତ୍ରଛାତ୍ରୀ ମାନଙ୍କୁ ପଢାଇବା ,ମାଗଣାରେ ପୁସ୍ତକ ପ୍ରଦାନ କରିବା ଭଳି କାମ କରିବା। ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟ ସ୍ତରୀୟ ଦୌଡ,ପ୍ୟାରେଡ,ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମୌଳିକ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ପୂର୍ବାଞ୍ଚଳ ସାଧାରଣତନ୍ତ୍ର ଦିବସର ଚୟନ ପରୀକ୍ଷାରେ ମଧ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସ୍ତରୀୟ ପୁରସ୍କାର ପାଇଁ ଚୟନ ହୋଇଥିବାରୁ ଅତ୍ୟନ୍ତ ଖୁସି ଅଛନ୍ତି କମଳ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟକ୍ଷ ଡ଼. ମୁନେଶ ଚନ୍ଦ୍ର ଅଧିକାରୀ, କୁଳସଚିବ କୁକୁମିନା ଦାସ,ଏନଏସଏସ




ବିୟୁରୋ ଡ. ଅମୂଲ୍ୟ ଆଚାର୍ଯ୍ୟ,ଜଗନ୍ନାଥ ବେହେରା,ପ୍ରତିମା ପ୍ରଧାନ,ଜିଲ୍ଲା ଏନଏସଏସ ପୋଗ୍ରାମ ଅଫିସର ଗୌରାଙ୍ଗ ପଣ୍ଡା,ପରିବାର ବର୍ଗ ଓ ବନ୍ଧୁ ମାନ ଏହି ପୁରସ୍କାର ପାଇବାରେ ଅନେକ ସାହାଯ୍ୟ କରିଛନ୍ତି ବୋଲି କହିଛନ୍ତି।

# ଏକାଦଶାହ ଉପଲକ୍ଷେ



## ✓ ରତନ କୁମାର ଶିଓଲି

ସହଦେବଖୁଣ୍ଟା, ବାଲେଶ୍ୱର

ଆବିର୍ଭାବ: ୧୯.୦୯.୧୯୪୫

ତିରୋଧାନ: ୧୨.୦୫.୨୦୨୩

ବାପା , ଚାହୁଁ ଚାହୁଁ ଆଜକୁ ଏକାଦଶ ଦିନ ଅତିବାହିତ ହୋଇଗଲାଣି, ଆପଣଙ୍କର ଅନୁପସ୍ଥିତି ପରିବାରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଆପଣଙ୍କ ଅନାବିଳ ସ୍ନେହ ଶ୍ରଦ୍ଧା ଆଉ ଭଲ ପାଇବାକୁ ଆମ୍ଭେମାନେ କେବେ ବି ଭୁଲି ପାରିବୁ ନାହିଁ। ଆପଣଙ୍କର ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା ଏବଂ ଆଶୀର୍ବାଦ ଆମ୍ଭମାନଙ୍କର ଚଲାପଥକୁ ସବୁବେଳେ ସବୁ ସମୟରେ ଆଲୋକିତ କରୁଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକ ସନ୍ତପ୍ତ:**

ପତ୍ନୀ- ସଂଧ୍ୟା, ପୁତ୍ର- ରିତେଶ, ସ୍ୱାଗତ, ପୁତ୍ରୀ-ସୁଚନା, ପୁତ୍ରବଧୁ- ସୋନାଲୀ ଦୀପା, ଜାମାତା- ଶାନ୍ତନୁ, ନାତୀ, ନାତୁନୀ- ମୁନ୍‌ମୁନ୍, ମିଷ୍ଟୀ, ବାବୁନ, ଭଦ୍ରା, ବନ୍ଧୁବାନ୍ଧବ ଏବଂ ପରିବାର ବର୍ଗ।

# ବସ୍‌ଷ୍ଟାଣ୍ଡ୍ ଜମିକୁ ବିକ୍ରି ପ୍ରସ୍ତାବ ବିରୋଧରେ ସିଭିଲ୍ ସୋସାଇଟି ସମେତ ବିଭିନ୍ନ ଗଣସଂଗଠନର ଦୃଢ଼ ବିରୋଧ

ବାଲେଶ୍ୱର, ୨୧/୦୫ (ନି.ପ୍ର): ଗତ ୨୦୧୦ ମସିହାରେ ଜାତୀୟ ରାଜପଥ-୧୬ ସଂଲଗ୍ନ ଗଣେଶ୍ୱରପୁର ମୌଜାର ଖାତାନମ୍ବର ୧୩୨୮ର ପ୍ଲଟ୍ ନମ୍ବର ୧୭୨୩ରେ ୮ଏକର ପରିମିତ ଜମିକୁ ନୂତନ ବସଷ୍ଟାଣ୍ଡ୍ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ ଜମିରେ ବ୍ରିଟ୍ ପକ୍ଷରୁ ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। କିନ୍ତୁ ଗତ ୨୦୨୨ ମସିହାରୁ ଉକ୍ତ ଜମିରେ ବହୁତଳ ଫ୍ଲାଟ୍ ନିର୍ମାଣ କରି ବିକ୍ରି ପାଇଁ ବ୍ରିଟ୍‌ର ଅଧ୍ୟକ୍ଷ ତଥା ବାଲେଶ୍ୱର ଜିଲ୍ଲାପାଳ ଗଣମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ପରେ ବାଲେଶ୍ୱର ସିଭିଲ୍ ସୋସାଇଟି ଓ ବହୁ ବୁଦ୍ଧିଜୀବୀ ଏହାର ଦୃଢ଼ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଗତ ୨୦୨୨ ଡିସେମ୍ବର ୧୩ ତାରିଖ ଦିନ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇତିମଧ୍ୟରେ ସିଭିଲ୍ ସୋସାଇଟି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରସ୍ତାବିତ ବସଷ୍ଟାଣ୍ଡ୍‌କୁ ବାଲେଶ୍ୱରର ବର୍ଦ୍ଧିତ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଥିଲା ଏବଂ ଏହି ଜମିକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର ନକରିବାକୁ ନିବେଦନ କରିଥିଲା। ରବିବାର ପୂର୍ବାହ୍ଣରେ ସ୍ଥାନୀୟ ବାଲେଶ୍ୱର ଷ୍ଟେସନ କ୍ଲବ୍‌ଠାରେ ସିଭିଲ୍ ସୋସାଇଟି ପକ୍ଷରୁ ଆୟୋଜିତ ବାଲେଶ୍ୱରର ବିଭିନ୍ନ ସାମାଜିକ ଓ ଗଣସଂଗଠନ ପ୍ରତିନିଧିମାନଙ୍କ ବୈଠକରେ ବ୍ରିଟ୍ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୦୧୦ ମସିହାରେ ପ୍ରଦତ୍ତ ଶିଳାନ୍ୟାସ ଫଳକକୁ ଉପାଡ଼ିଦେଇ ସେଠାରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯାଉଥିବା ଘଟଣାକୁ ଦୃଢ଼ ବିରୋଧ କରାଯାଇଛି। ବିଭିନ୍ନ ସଂଗଠନ ପ୍ରତିନିଧିମାନଙ୍କର ମିଳିତ ସ୍ୱାକ୍ଷରରେ ଆସନ୍ତା ୨୩ ତାରିଖ ଦିନ ୯ଟା ବେଳେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ବାସୀଙ୍କର ଏହି ଉଦ୍‌ବେଗକୁ ଲିଖିତ ଭାବେ ପ୍ରଦାନ କରାଯିବ ଓ ଜୁନ୍ ୭ ତାରିଖ ଦିନ ସକାଳ ୮ଟାରୁ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସୋସାଇଟିର ସଭାପତି ଶ୍ରୀ ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଉପସ୍ଥିତମାନଙ୍କୁ ସ୍ୱାଗତ ଜଣାଇଥିଲେ। ସଂପାଦକ ତଥା ବରିଷ୍ଠ ଆଇନଜୀବୀ ମନୋଜ ନାୟକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବସ୍‌ଷ୍ଟାଣ୍ଡ ପାଇଁ ଶିଳାନ୍ୟାସ ପ୍ରକଳ୍ପକୁ କିପରି ପ୍ରଶାସନ ବିକ୍ରି ପାଇଁ ଉଦ୍ୟମ କରୁଛି ? ସେଥିରେ ସେ ବିସ୍ମୟ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ସମେତ ବିଭିନ୍ନ ଗଣସଂଗଠନ ପକ୍ଷରୁ ଲକ୍ଷ୍ମୀଧର ଗିରି, ଅରୁଣ ଜେନା, ମାଧବ ଚନ୍ଦ୍ର ମିଶ୍ର, ଗଗନ ବିହାରୀ ସେଠୀ, ଗଣେଶ୍ୱର ଜେନା, ଗୋପୀନାଥ ଦାସ, ନିରଞ୍ଜନ ପରିଡ଼ା, ବିଧାନ ଚନ୍ଦ୍ର ରାୟ, ଉମେଶ ଚନ୍ଦ୍ର ବାରିକ, ଦୀନବନ୍ଧୁ ଲେଙ୍କା, ଜ୍ୟୋତ୍ସ୍ନା ସେନାପତି, ଅକ୍ଷୟ କୁମାର ତ୍ରିପାଠୀ, ଯୋଗେଶ୍ୱର ପ୍ରଧାନ, ମାନସ ରଞ୍ଜନ ପାତ୍ର, ସୁଦର୍ଶନ ଜେନା, ଗିରିଜା ଶଙ୍କର ଦାସ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ଜଗନ୍ନାଥ ପଲେଇ ଅଜୟ କୁମାର ସାହୁ, ସେଖ୍ ଅବଦୁଲ ରଫିକ୍, ଗଗନ ଚନ୍ଦ୍ର ସେଠୀ, ବେଣୁଧର ବାରିକ, ଷ୍ଟାଲିନ୍ ମିଶ୍ର, ସୁକାନ୍ତି ଭକ୍ତା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ପ୍ରଶାସନର ଏପରି ଅପରିଣାମଦର୍ଶୀ ନିଷ୍ପତ୍ତିକୁ ଦୃଢ଼ ବିରୋଧ କରିବା ସହ ଆଗାମୀ ଆନ୍ଦୋଳନରେ ସଂପୂର୍ଣ୍ଣ ସହଯୋଗ ପାଇଁ ମତପ୍ରକାଶ କରିଥିଲେ। ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଅଲ୍ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍, ଚାଷୀ ଏକତା ମଞ୍ଚ, ବାଲେଶ୍ୱର ମୋଟର ଆସୋସିଏସନ୍, ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ, ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ଫକୀରମୋହନ ସାହିତ୍ୟ ପରିଷଦ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମିତି, ଡାକକର୍ମଚାରୀ ସଂଘ, ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ସଂଘ, ଜିଲ୍ଲା ଆଇଏନ୍‌ଟିୟୁସି ଓ ଏଆଇଟିୟୁସି, ରେମୁଣା ଗୋଲେଇ ଉନ୍ନୟନ ପରିଷଦ, ପରିବହନ ମହାସଂଘ, ବାଲେଶ୍ୱର ଜିଲ୍ଲା ଓକିଲ ସଂଘ, ଏସ୍‌ଏସ୍‌ଜିର ସଦସ୍ୟା, ବିଭିନ୍ନ ଶ୍ରମିକ ସଂଗଠନ, ବ୍ୟବସାୟୀ ସଂଗଠନ, ବସ୍ତିବାସିନ୍ଦା ସଂଘ, ଛାତ୍ର ଓ ଯୁବ ସଂଗଠନ, ସିଭିଲ୍ ସୋସାଇଟି, ଗଣମାଧ୍ୟମ ପ୍ରତିନିଧି ଓ ଆମ୍ବେଦକର ବିଚାରମଞ୍ଚ ପ୍ରଭୃତି ସଂଗଠନରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ଦାମୋଦର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।




# ତତ୍ପର ହୋଇ ଉଠିଲା ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ

## ଲୋଧା ପିଲାଙ୍କୁ ବିଦ୍ୟାଳୟ ଆଣିବା ପାଇଁ ଗଢ଼ା ହେଲା ସ୍ୱତନ୍ତ୍ର ଟିମ୍

ଉଦଳା, ୨୧/୦୫ (ନି.ପ୍ର): କିଛିଦିନ ପୂର୍ବେ ବହୁସଂଖ୍ୟାରେ ଲୋଧା ସମ୍ପ୍ରଦାୟର ପିଲା ବିଦ୍ୟାଳୟ ବାହାରେ ରହିଥିବାର ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଏହାପରେ ଉଦଳା ଗୋଷ୍ଠୀ ଶିକ୍ଷାକାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇବା ସହିତ ଲୋଧା ପିଲା ମାନଙ୍କୁ ପୁଣିଥରେ କିପରି ବିଦ୍ୟାଳୟକୁ ଅଣାଯିବ ସେଥିପାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଜଗବନ୍ଧୁ ନାୟକ ଓ ମିନତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଟିମ ଗଠନ କରାଯାଇଥିଲା । ଏହି ଟିମ୍ କ୍ଷେତ୍ର ପରିଦର୍ଶନ କରି ଗୋଟିଏ ଦିନରେ ୮ ଜଣ ଲୋଧା ପିଲାଙ୍କୁ ଚିହ୍ନଟ କରିଥିବାର ଜଣାଯାଇଛି । ଆଗାମୀ ଦିନରେ ଆହୁରି କିଛି ପିଲା ଚିହ୍ନଟ ହେବେ ବୋଲି ଅନୁମାନ କରାଯାଉଛି । ତେବେ ଏହିସବୁ ପିଲା ମାନଙ୍କୁ ହଷ୍ଟେଲରେ ରଖାଯିବା ସହିତ ପାଠ ପଢ଼ାର ସବୁପ୍ରକାର ବ୍ୟବସ୍ଥା କରାଯାଉଛି ବୋଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ କୁହାଯାଇଛି । ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଏତାଦୃଶ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।



# ବେଳାଭୂମି ସଫା ସମସ୍ତଙ୍କ ଦାୟିତ୍ୱ

ପୁରୀ, ୨୧/୦୫ (ନି.ପ୍ର): ପରିବେଶକୁ ପରିଷ୍କାର ଓ ସୁସ୍ଥ ରଖିଲେ ମାନବ ସମାଜ ସୁସ୍ଥ ରହିବ। ପୁରୀ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ କ୍ଷେତ୍ର ଭାବରେ ବେଶ୍ ପରିଚିତ। ତେଣୁ ପୁରୀ ସମୁଦ୍ର ବେଳାଭୂମିକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି। ଆଜି ପ୍ରତ୍ୟୁଷରୁ ବାଙ୍କି ମୁହାଣ ଠାରୁ ଚକ୍ରତୀର୍ଥ ବିଚ୍ ପର୍ଯ୍ୟନ୍ତ ଅଂଚଳକୁ ସ୍ୱଚ୍ଛତା ହିଁ ସେବା କରାଯାଇଥିଲା।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ପାଳିତ

ବାଲେଶ୍ୱର, ୨୧/୦୫ (ନି.ପ୍ର): ଦେଶର ଭୂତପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଙ୍କୁ ତାମିଲନାଡୁର ଶ୍ରୀ ପେରେମ୍ବୁଦୁର ର ଏକ ନିର୍ବାଚନୀ ସଭାରେ ତାମିଲ ଉଗ୍ରବାଦୀ ମାନେ ହତ୍ୟା କରିଥିଲେ। ଆଜିର ଦିବସକୁ କଂଗ୍ରେସ ଦଳ ବଳିଦାନ ଦିବସ ଭାବେ ପାଳନ କରିଛି। ଏହି ପରିପ୍ରେକ୍ଷିରେ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଭବନ ପରିସର ରେ ବଳି ଦାନ ଦିବସ ଭାବଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ପୌରହିତ୍ୟ ରେ ଅୟୋଜିତ ସ୍ମୃତି ସଭାରେ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀଓ କୃଷ୍ଣ ଗୋପାଳ ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ,ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ,ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପାରମିତା ମହାନ୍ତି,ପ୍ରଦେଶ କଂଗ୍ରେସ ସଂଖ୍ୟା ଲଘୁ ସେଲ ସାଧାରଣ ସମ୍ପାଦକ ଶେଖ ଭୋଲା, ଜିଲ୍ଲା ସଂଖ୍ୟା ଲଘୁ ସେଲ ସଭାପତି ଶେଖ ଅସଗର ପ୍ରମୁଖ ଉପସ୍ଥିତ ରହି ରାଜୀବ ଗାନ୍ଧୀଙ୍କ ଫୋଟଚିତ୍ର ରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଅପରାହ୍ନ ରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବାଲିଆସ୍ଥିତ କପିଳ ମୁନି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା।

# ଜିକେ ଭଞ୍ଜର ହସ୍‌ପିଟାଲର ଉନ୍ନତି ଲାଗି ଖର୍ଚ୍ଚହେବ ୧କୋଟି୨୦ଲକ୍ଷ

ଜଳେଶ୍ୱର , ୨୧/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ହାତୀଗଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫ଟି ଯୋଜନାରେ ସାମିଲ ହୋଇଛି । କିନ୍ତୁ ଏକଦା ସମଗ୍ର ଉତ୍ତର ବାଲେଶ୍ୱରରେ ରେଫେରାଲ ୟୁନିଟ୍ ଭାବେ ଦୀର୍ଘ ୪୫ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଜିକେଭଞ୍ଜର ହସ୍‌ପିଟାଲ ଏହି ଯୋଜନାରେ ସାମିଲ ହୋଇ ପାରିନଥିଲା । କିନ୍ତୁ ଆମ ହସ୍‌ପିଟାଲ ଯୋଜନାରେ ଏହା ସାମିଲ ହୋଇଥିବାରୁ ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସୁଚାରୁ ବଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, ତହସିଲଦାର ମିହିର ରଂଜନ ବେହେରା, ପୌରଅଧିକାରୀ ଅଜୟ କୁମାର ମହାପାତ୍ର, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ନିହାର ରଂଜନ ବେହେରା ପ୍ରମୁଖ ବୁଲି ଦେଖିଛନ୍ତି ।

# ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାରିପଦା , ୨୧/୦୫ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗରେ ମ୍ୟାଟ୍ ଲ୍ୟାବ୍ ଓ ଏହାର ପ୍ରୟୋଗ ଶୀର୍ଷକ ଏକ ସପ୍ତାହବ୍ୟାପୀ ଶିକ୍ଷକ ଗୁଣାତ୍ମକ ବିକାଶ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ. ହିମବିନ୍ଦୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ମ୍ୟାଟଲ୍ୟାବର ଉପାଦେୟତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି, ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ତଥା ଜୈବ ପ୍ରଯୁକ୍ତି ବିଭାଗର ପ୍ରଫେସର ହୃଦୟନାଥ ଥାଟୋଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ନିଜ ବକ୍ତବ୍ୟରେ ସମନ୍ୱିତ ବିକାଶ କାର୍ଯ୍ୟକ୍ରମର ସୁଫଳ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । କମ୍ପ୍ୟୁଟର ପ୍ରୟୋଗ ବିଭାଗୀୟ ମୁଖ୍ୟ ଡ. ଜୀବେନ୍ଦୁ କୁମାର ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ତଥା କାର୍ଯ୍ୟକ୍ରମର ସହ ସଂଯୋଜକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନାଇଜରର ପ୍ରାଧ୍ୟାପକ ଡ. ଶୁଭଙ୍କର ମିଶ୍ର, ବିଳାସପୁରସ୍ଥିତ ଗୁରୁଘାସିଦାସ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର କପିଳ ନାଗବଂଶୀ, କିଟ୍ ? ? ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସତ୍ୟ ଶୁଭଶ୍ରୀ ସେନ ଓ ଡ. ସୁମିତ୍ ଡେଟାରାଭେ, ଆଇ.ଆଇ.ଟି ଖଡ଼ଗପୁରର ପ୍ରଫେସର ପ୍ରଳୟ ମିତ୍ର, ଭୁବନେଶ୍ୱର ଓ.ୟୁ.ଟି.ଆର.ର ସହକାରୀ ପ୍ରଫେସର ଡ. ସୁଯୋଗ୍ୟ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକାଗଣ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉଦଯାପନୀ ଉତ୍ସବରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଓଡ଼ିଶା ତଥା ଅନ୍ୟରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୫୦ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।



# ଜିଲ୍ଲା ରକ୍ତଦାତା ସଂଘର ସାଂଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ

ବାଲେଶ୍ୱର , ୨୧/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘର ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଓ ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ଆଜି ଅପରାହ୍ନରେ ସ୍ଥାନୀୟ ଓଡେଶା ଭବନରେ ଅନୁଷ୍ଠିତ ହୋଇଯାଇଛି । ସଭାପତି କମଲ ଚକ୍ରବର୍ତ୍ତୀଂକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି । ସାଧାରଣ ସଂପାଦକ ଇଂ ଡଃ ହୃଷିକେଶ ସାହୁ ବିଗତ ଦୁଇ ବର୍ଷରେ ସଂଘ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ, ଭବିଷ୍ୟତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଂକ ମଧ୍ୟରେ କବି ପ୍ରଶାନ୍ତ ଦାସ, ଇଂ ବନମାଳି ନାୟକ,ବିଜୟ ପାତ୍ର, ଦୁକୂଲ ଘଡେଇ, ଗୌରାଂଗ ପଣ୍ଡା, ନିରଂଜନ ପରିଡା, ଅଜିତ କୁମାର ମହାନ୍ତି, ସୁମନ୍ତ କୁମାର ଜେନା, ସିତାଂଶୁ ପ୍ରଧାନ, ବଂଶୀଧର ବାରିକ ପ୍ରମୁଖ ସାଂଗଠନିକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ।ନିର୍ବାଚନ ଅଧିକାରୀ ସଂଘର ବରିଷ୍ଠ ଉପଦେଷ୍ଟା ରବି ରାଉତ ସଂଗଠନର ନୂତନ କର୍ମକର୍ତ୍ତାଂକର ନାମ ଘୋଷଣା କରିଥିଲେ । ନୂତନ କର୍ମକର୍ତ୍ତା ଭାବରେ ସଭାପତି-କମଲ ଚକ୍ରବର୍ତ୍ତୀ, ଉପ ସଭାପତି-ସୁବ୍ରତ କୁମାର ରଣା,ବିଜୟ କୁମାର ପାତ୍ର,ଲକ୍ଷ୍ମୀଧର ବାରିକ,ସୁମନ୍ତ କୁମାର ଜେନା,ସାଧାରଣ ସଂପାଦକ- ଇଂ ଡ. ହୃଷିକେଶ ସାହୁ, ସଂପାଦକ - ବିଶ୍ୱଜିତ ଘୋଷ, ରାଜେଶ କୁମାର ଗିରି,ଯୁଗ୍ମ ସଂପାଦକ-ଭଗବାନ ମହାନ୍ତି,ମନୋରଂଜନ ଦାସ,କୋଷାଧ୍ୟକ୍ଷ- ଅକ୍ଷୟ କୁମାର ତ୍ରିପାଠୀଂକୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ଏଥିସହିତ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ,ଦୁକୁଲ ଚନ୍ଦ୍ର ଘଡାଇ, ଦେବାଶୀଷ ପାଣି, ଗୌରାଂଗ ପଂଡା, ଅନଂଗ କୁମାର ପଟ୍ଟନାୟକ,ଲୋକନାଥ ଧର, କାଳୀପଦ ପଣ୍ଡା, ସେକ ସଲିମ ରାଜା, ବସନ୍ତଲତା ପଟ୍ଟନାୟକ, ଶ୍ୟାମସୁନ୍ଦର ଜେନା, ଯଶୋଦାରଂଜନ ଆଶ, ଗଂଗାଧର ଦାସ, ପଂକଜ କୁମାର ଅଗ୍ରବାଲ, ଡଃ ଅରୂପ ଅଭିଷେକ, ଡଃ ଅଜିତ କୁମାର ମହାନ୍ତି, ଡଃ କୁମାର ଗୋପାଲ, ଲକ୍ଷ୍ମୀ ନାରାୟଣ ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ଗୋପାଳ ଚନ୍ଦ୍ର ମହାପାତ୍ର, ଗୋପିନାଥ ମାଇତି,ମାୟାଧର ରାଉତ,ଗୋପାଳ ଚନ୍ଦ୍ର ସାହୁ, ଜୟନ୍ତ କୁମାର ପାଣିଗ୍ରାହୀ, ନିମନ୍ତ୍ରିତ ସଭ୍ୟ- ଡଃ ବସନ୍ତ ଉପାଧ୍ୟାୟ ରକ୍ତ କେନ୍ଦ୍ର ଅଧିକାରୀ, ରେଡକ୍ରସ ସଂପାଦକ- ପ୍ରହ୍ଲାଦ ଦୋରା ମନୋନୀତ ହୋଇଛନ୍ତି। ଆସନ୍ତା ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ଓ ସଂଘର ବାର୍ଷିକ ସମ୍ମିଳନୀ ବ୍ରିଟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ । ସମ୍ମିଳନୀକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶେଷରେ ସୁବ୍ରତ କୁମାର ରଣା ଧନ୍ୟବାଦ ଦେଇଥିଲେ ।




# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ୧୦୦୮ କଳସ ଶୋଭାଯାତ୍ରା

ଜଳେଶ୍ୱର ୨୧/୫(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଖୁଆଡ ଗ୍ରାମରେ ଏକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି । ଆଜି ଏହି ଉତ୍ସବରେ ଗ୍ରାମର ହଜାର ହଜାର ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ୧୦୦୮ କଳସ ଶୋଭାଯାତ୍ରାରେ ନାଉରିଆ ଖାଲରୁ ପବିତ୍ର ପାଣି ନେଇ ମନ୍ଦିରକୁ ଧୌତ କରାଯାଇଥିଲା । ପରେ ଗ୍ରାମ ପରିକ୍ରମା କରି ମନ୍ଦିର ସମ୍ମୁଖରେ ସମବେତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ମନ୍ଦିର କମିଟି ସଭାପତି ଅମୂଲ୍ୟ କୁମାର ପାତ୍ର ଯୋଗ ଦେଇ ଥିବା ବେଳେ ଆସନ୍ତା ସୋମବାର ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo